## ସଂକ୍ଷେପରେ

### ଶ୍ରୀଦଧିବାମନଜୀଉ ମନ୍ଦିର ତାଲା ଭାଙ୍ଗି ଚୋରି



ପଟ୍ଟାମୁଣ୍ଡାଇ, ୮।୭(ସ୍ୱ.ପ୍ର.): କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ଚଉଦକୁଲାଟ ତମାଳଶାସନର ଆରାଧ ଦେବତା ଶ୍ରୀଦଧିବାମନଜୀଉ ମନ୍ଦିରରୁ ଗୁରୁବାର ରାତିରେ ଏକ ବଡ଼ଧରଣର ଚୋରି ହୋଇଛି। ଦୁର୍ବୃତ୍ତମାନେ ମନ୍ଦିରରେ ଲାଗିଥିବା ୫ଟା ତାଲା ଭାଙ୍ଗି ଗର୍ଭଗୃହରୁ ଶ୍ରୀଜୀଉଙ୍କ ମୂର୍ତ୍ତି ଓ ବିଭିନ୍ନ ସାମଗ୍ରୀ ଚୋରାଇ ନେଇଛନ୍ତି।

ଅଭିଯୋଗ ଅନୁସାରେ, ଶୁକ୍ରବାର ସକାଳେ ମନ୍ଦିର ପୂଜକ ମନ୍ଦିର ଖୋଲିବାକୁ ଯିବା ବେଳେ ମନ୍ଦିରର ପ୍ରମୁଖ ଫାଟକର ତାଲା ଭାଙ୍ଗି ତଳେ ପଡ଼ିଥିବା ଦେଖିଥିଲେ। ମନ୍ଦିର ଭିତରକୁ ପ୍ରବେଶ କରିବା ପରେ ଶ୍ରୀଦଧିବାମନଜୀଉଙ୍କ ଅଷ୍ଟଧାତୁରେ ନିର୍ମିତ ଚଳନ୍ତି ପ୍ରତିମା ଗୋପୀନାଥ ଜୀଉ ନୂଆ ଓ ପୁରୁଣା ୨ଟି ମୂର୍ତ୍ତି ,ଗୋଟିଏ ନାରାୟଣ ମୂର୍ତ୍ତି ଓ ହନୁମାନ ମୂର୍ତ୍ତି ଆଦି ନ ଥିବା ଦେଖିବାକୁ ପାଇଥିଲେ। କେବଳ ଏହାନୁହେଁ ମନ୍ଦିରର ଦାନବକ୍ସକୁ ମଧ ଭାଙ୍ଗିବାକୁ ଦୁର୍ବୃତ୍ତମାନେ ଚେଷ୍ଟା କରିଥିଲେ। ତେବେ ଏଥିରେ ବିଫଳ ହୋଇଥିଲେ। ଏ ନେଇ ମନ୍ଦିର ଟ୍ରଷ୍ଟର ପ୍ରାଧିକୃତ ସଦସ୍ୟ କିଶୋର ମିଶ୍ରଙ୍କ ପକ୍ଷରୁ ପଟ୍ଟାମୁଣ୍ଡାଇ ଟାଉନ୍ ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ନଂ. ୩୩୭/୨୨ରେ ମାମଲା ରୁଜୁ କରିଛି। ଆଇଆଇସି ତପନ କୁମାର ରାଉତ, ଚଉଦକୁଲାଟ ଫାଣ୍ଡି ଏଏସ୍ଆଇ ନୃସିଂହ ମହାନ୍ତି ଲୁଟ୍ ଘଟଣାର ତଦନ୍ତ ଚଳାଇଛି। ଏହି ପ୍ରାଚୀନ ମନ୍ଦିରର ସୁରକ୍ଷା ପାଇଁ ପ୍ରତି ଜିଲା ଓ ପୋଲିସ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ବାରମ୍ବାର ଚୋରି ହେଉଛି। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ମନ୍ଦିରର ସୁରକ୍ଷା ପାଇଁ ବ୍ୟବସ୍ଥା କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ମୂର୍ତ୍ତି ଚୋରି ଯୋଗୁ ଶୁକ୍ରବାର ଶ୍ରୀଜୀଉଙ୍କ ପୂଜାର୍ଚ୍ଚନା ଓ ନୀତିକାନ୍ତିରେ ବିଳମ୍ବ ଘଟିଥିଲା।

### ରାଜକନିକା ଅଞ୍ଚଳରେ ଇଣ୍ଡିଆନ ଅଏଲର ପାଇପ ଲାଇନ ବିଛା ଚାଲିଛି



ରାଜକନିକା,୮।୭(ଡି.ଏନ.ଏ.) ରାଜକନିକା ବ୍ଲକର ଚଢେଇଖିଆ ନାଳ ନିକଟରେ ଇଣ୍ଡିଆନ ଅଏଲର ବଡବଡ ପାଇପ ପଡିଛି। ଇଣ୍ଡିଆନ ଅଏଲରର ପାରାଦୀପରୁ ଆସି ଖରସ୍ରୋତା ଓ ବୈତରଣୀ ନଦୀ ମଧରେ ପାଇପ ପଡିବ ବୋଲି ଜଣା ପଡିଛି। ଏହି ପାଇପରେ ପାରାଦୀପରୁ ତେଲ ହଲଦିଆ ଯିବ। ଏଥିପାଇଁ ବ୍ୟାପକ ଇଣ୍ଡିଆନ ଅଏଲ ପକ୍ଷରୁ ପାଇ ବିଚା କାର୍ଯ୍ୟ ଚାଲିଛି। ପାଇପ ଲାଇ ଯାଉଥିବା ଜମିକୁ ମାଲିକଠାରୁ କିଣା ଯାଇଛି। ପାଇପ ଲାଇନ ଯାଉଥିବା ସ୍ଥାନରେ କୌଣସି କନଷ୍ଟ୍ରକଶନ କରାଯାଇ ପାରିବନାହିଁ ବୋଲି ଜମି ମାଲିକଙ୍କୁ କୁହାଯାଇଛି। ଯଦି ଜମି ମାଲିକ ଏହାକୁ ନ ମାନନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ରାଜକନିକା ତହସିଲଦାର ମାଧମରେ କୁହାଯାଇଛି।

# ରାମଚଣ୍ଡୀ ମନ୍ଦିର ପର୍ଯ୍ୟଟନ କ୍ଷେତ୍ର ମାନ୍ୟତାରୁ ବଞ୍ଚିତ

କେନ୍ଦ୍ରାପଡ଼ା ଅଫିସ, ୮।୭

କେନ୍ଦ୍ରାପଡ଼ା ଜିଲାର ଅନ୍ୟତମ ଶକ୍ତିପୀଠ ମହାକାଳପଡ଼ା ବ୍ଲକ ରାମନଗରସ୍ଥ ରାମଚଣ୍ଡୀ ମନ୍ଦିର ପରିସର ରାଜ୍ୟ ପର୍ଯ୍ୟଟନ କ୍ଷେତ୍ର ମାନ୍ୟତାରୁ ବଞ୍ଚିତ ହୋଇଛି। ଏହି ପ୍ରସଙ୍ଗ ଶୀତଳଭଣ୍ଡାରକୁ ଚାଲିଯାଇଛି। ୨୦୧୭ ରୁ ଏ ସମ୍ପର୍କରେ ସମସ୍ତ ତଥ୍ୟ ରାଜ୍ୟ ପର୍ଯ୍ୟଟନ ବିଭାଗକୁ ଜିଲା କାର୍ଯ୍ୟାଳୟ ପକ୍ଷରୁ ପ୍ରଦାନ କରାଯାଇଥିଲା। ହେଲେ ଏ ପର୍ଯ୍ୟନ୍ତ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ମିଳିପାରିନାହିଁ। ଏହି ଶକ୍ତିପୀଠର ବିଭିନ୍ନ ସମସ୍ୟାର ସାମାଧାନ ଜରୁରୀ ହୋଇପଡିଥିବା ସ୍ଥାନୀୟ ଅଧିବାସୀ ମତ ପ୍ରକାଶ କରିଛନ୍ତି।

ମା' ରାମଚଣ୍ଡୀ ସେନାର କାର୍ଯ୍ୟକର୍ତ୍ତା ସୁବାସ ସ୍ୱାଇଁ କହିଛନ୍ତି, ମା'ଙ୍କ ରୀତିନୀତି ପରିଚାଳନା ପାଇଁ ତତ୍କାଳୀନ କୁଜଙ୍ଗ ରାଜା ରାମନଗର, ପେଟଛେଲା, ଭୋପାଳ, ବାରଡାଙ୍ଗ ଆଦି ମୌଜାରେ ଜମି ଦାନ କରିଥିଲେ। ତେବେ ଏହି ଜମିକୁ କେତେଜଣ ଜବରଦଖଲକାରୀଙ୍କ କବ୍ଜାକୁ ଚାଲିଯାଇଛି। ସେହିପରି ୨୦୧୬ରୁ ମନ୍ଦିର ପରିଷଦର କାର୍ଯ୍ୟକାଳ ଶେଷ ହୋଇଥିବା ବେଳେ ଏହାର ନବୀକରଣ ହୋଇନାହିଁ। ବିଭିନ୍ନ ସମୟରେ ଏପରି ବହୁ ସମସ୍ୟା ଉତ୍ଥାପନ କରି ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଛି। ପୂର୍ବତନ ଜିଲାପାଳ ସମର୍ଥ ବର୍ମା ମଧ୍ୟ ସମସ୍ୟାଗୁଡିକର ଅନୁଧ୍ୟାନ ପାଇଁ ଉପଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଅଦ୍ୟାବଧି ଏହାର ସୁଫଳ ମିଳିନାହିଁ। ସେନାର କର୍ମକର୍ତ୍ତା ଲକ୍ଷ୍ମୀଧର ସ୍ୱାଇଁ କହିଛନ୍ତି, ମା'ଙ୍କ ପୀଠ ବାଟ ଦେଇ ପର୍ଯ୍ୟଟନ କ୍ଷେତ୍ର ହୁକିଟୋଲା ଓ ବଟିଘରକୁ ପର୍ଯ୍ୟଟକମାନେ ଯାଇଥାନ୍ତି। ଏଥିପାଇଁ ୧୯୯୭-୯୮ ଆର୍ଥିକ ବର୍ଷରେ ପୀଠ ପରିସରରେ ପାନ୍ଥଶାଳା ନିର୍ମାଣ ହୋଇଥିଲା। ଏହା ଏବେ ଜରାଜୀର୍ଣ୍ଣ ହୋଇପଡି ରହିଥିବାରୁ ପର୍ଯ୍ୟଟକଙ୍କ କାମରେ ଆସୁନାହିଁ। ସେହିପରି ମା'ଙ୍କ ପ୍ରସିଦ୍ଧ ପର୍ବ ଝାମୁଯାତ୍ରାରେ ଅସଂଖ୍ୟ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥାଏ। ଏହି ସମୟରେ ଆଦାୟ ଅର୍ଥ ବାଟମାରଣା ହେଉଥିବା ଅଭିଯୋଗ ହେଉଛି। ଏହାର ତଦନ୍ତ ଜରୁରୀ ବୋଲି ସେ ମତବ୍ୟକ୍ତ କରିଛନ୍ତି। ମହାକାଳପଡ଼ାର ହରେକୃଷ୍ଣ ପାତ୍ର କହିଛନ୍ତି, ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ମିଳିଲେ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ଭିଡ ବଢ଼ିବ। ଏଥିସହ ଝାମୁଯାତ୍ରା ସମୟରେ ଶ୍ରଦ୍ଧାଳୁଙ୍କ ସଂଖ୍ୟା ଦୃଷ୍ଟିରୁ ପୀଠ ପରିସରର ବୃଦ୍ଧି ଆବଶ୍ୟକ। ଏହି ସ୍ଥାନରେ ଏବେ ନିର୍ମାଣାଧୀନ ପାଣିଟାଙ୍କି ଆଗାମୀ ଦିନରେ ଅସୁବିଧା ସୃଷ୍ଟି କରିବ। ଏଥିସହ ଦୁଇଥର ଏହି ପୀଠରୁ ଅଳଙ୍କାର ଚୋରି ହୋଇଥିବାରୁ ପୋଲିସ ପାଟ୍ରୋଲିଂର ଆବଶ୍ୟକତା ରହିଛି। ଏ ସମ୍ପର୍କରେ ଉପଜିଲାପାଳ ନିରଞ୍ଜନ ବେହେରାଙ୍କୁ ପଚାରିବାରେ ସମସ୍ୟାର ସମାଧାନ ପାଇଁ ପୀଠସ୍ଥଳକୁ ଯାଇ ଅନୁଧ୍ୟାନ କରାଯିବ ବୋଲି ସେ କହିଛନ୍ତି।



ମହାକାଳପଡ଼ା ବ୍ଲକ ରାମନଗରସ୍ଥିତ ମା' ରାମଚଣ୍ଡୀ।

**୫ ବର୍ଷ ବିତିଲା ତଥ୍ୟ ନେଇ ପର୍ଯ୍ୟଟନ ବିଭାଗ ବସିଛି**

## ଉନ୍ନୟନମୂଳକ କାର୍ଯ୍ୟକୁ ନେଇ ଗୋଷ୍ଠୀ ସଂଘର୍ଷ

### ଉଭୟ ପକ୍ଷରୁ ଥାନାରେ ମାମଲା

ରଘୁନାଥପୁର,୮।୭(ଡି.ଏନ୍.ଏ.)

ପଞ୍ଚାୟତ ନିର୍ବାଚନ ପରେ ରଘୁନାଥପୁର ଥାନା ଗୁଆଳିପୁର ପଞ୍ଚାୟତରେ ଏକ ରାଜନୈତିକ ଦଳର ଦୁଇଗୋଷ୍ଠୀ ମଧ୍ୟରେ ବିବାଦ ଉଗ୍ରରୂପ ନେଇଛି। ଏକ ଉନ୍ନୟନମୂଳକ କାର୍ଯ୍ୟକୁ ନେଇ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ ଘଟିଛି। ଏ ନେଇ ଉଭୟ ପକ୍ଷରୁ ରଘୁନାଥପୁର ଥାନାରେ ଅଭିଯୋଗ ପରେ ପୋଲିସ ନଂ. ୧୧୮,୧୧୯/୨୨ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ରାଜେଶ ପଟ୍ଟନାୟକ ଅଭିଯୋଗକ୍ରମେ ଉନ୍ନୟନମୂଳକ କାର୍ଯ୍ୟକୁ ନେଇ ରାଜେଶଙ୍କ ସହ ଶୁଭମ ପଟ୍ଟନାୟକ, ନିବାସ ଦାସ ଓ ସୁଧାକର ଦାସ ବଚସା ପରେ ମିଳିତ ଭାବେ ଆକ୍ରମଣ କରିଥିଲେ। ସେହିପରି ଶଙ୍କର ପଟ୍ଟନାୟକ ଅଭିଯୋଗ ଅନୁଯାୟୀ, ଗାଁର ନିହାର ରଞ୍ଜନ ସାହୁ, ଅବିନାଶ ପଟ୍ଟନାୟକ, ରାଜେଶ ପଟ୍ଟନାୟକ, ଅତୁ୍ୟଲ ସ୍ୱାଇଁ, ମାନସ ପଟ୍ଟନାୟକ, ଅଭିଜିତ ସ୍ୱାଇଁ, ବିଶ୍ୱଜିତ ସ୍ୱାଇଁ ଓ ଅଜିତ ମହାରଣା ପ୍ରମୁଖ ତାଙ୍କୁ ଆକ୍ରମଣ କରି ଦୋକାନ ଗୃହ ଭାଙ୍ଗି ଦେଇଥିଲେ।

# ଭୋଟ ଗଣତିକୁ ନେଇ ପୋଲିସ-ଜନତା ଗଣ୍ଡଗୋଳ

ମହାକାଳପଡ଼ା, ୮।୭(ଡି.ଏନ୍.ଏ.)

- ବାରଡାଙ୍ଗ ସମବାୟ ସମିତି ସଭାପତି ନିର୍ବାଚନ
- ପୋଲିସ ଉପରେ ଆକ୍ରମଣ, ଜଣେ ଆହତ
- ସଭାପତି ହେଲେ ସୁଶାନ୍ତ

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଜମ୍ବୁ ସାମୁଦ୍ରିକ ଥାନା ଅଧୀନ ଆରୁଣନଗରସ୍ଥିତ ବାରଡାଙ୍ଗ ପ୍ରାଥମିକ କୃଷି ସେବା ସମବାୟ ସମିତିର ସଭାପତି ପଦବୀ ନିମନ୍ତେ ଶୁକ୍ରବାର ଭୋଟ ଗ୍ରହଣ ହୋଇଥିଲା। ଗଣତିରେ ଅସନ୍ତୋଷ ବ୍ୟକ୍ତକରି ଏକ ଗୋଷ୍ଠୀ ଭୋଟ ଗ୍ରହଣ କେନ୍ଦ୍ରର କବାଟ, ଝରକା ସହ ଆସବାବପତ୍ରକୁ ଭଙ୍ଗାଭଙ୍ଗି କରିଥିଲେ। ସେଠାରେ ଉପସ୍ଥିତ ପୋଲିସ ସେମାନଙ୍କୁ ଅଟକାଇବାରୁ ଉଚ୍ଚବାଚ ହୋଇ ଗଣ୍ଡଗୋଳ ହୋଇଥିଲା। ଏଥିରେ ଜମ୍ବୁ ସାମୁଦ୍ରିକ ଥାନା ସବ୍‌ଇନ୍ସପେକ୍ଟର ରବୀନ୍ଦ୍ର କୁମାର ଭଦ୍ରଙ୍କ ଉପରେ ଆକ୍ରମଣ ହୋଇଥିଲା। ଗଣ୍ଡଗୋଳ ଓ ଉତ୍ତେଜନାକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ଦୁଇ ପ୍ଲାଟୁନ ଫୋର୍ସ ସହ ମହାକାଳପଡ଼ା ଆଇଆଇସି ମନୋରଞ୍ଜନ ଚୌଧୁରୀ ଓ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ଗଗନ ବିହାରୀ ଦାସ ଘଟଣାସ୍ଥଳରେ ପହଞ୍ଚିଥିଲେ। ତେବେ ଭୋଟ ଗଣତିକୁ ନେଇ ଏହି ତୁମୂଳକାଣ୍ଡ ଘଟିଛି ବୋଲି ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଅଧିକାରୀ ଦାସ କହିଛନ୍ତି। ରିପୋର୍ଟ ଲେଖାହେଲା ବେଳକୁ ଥାନାରେ ଅଭିଯୋଗ ହୋଇନାହିଁ। ସୂଚନା ଅନୁସାରେ, ଏହି ସମବାୟ ସଭାପତି ପଦ ନିର୍ବାଚନରେ ସୁଶାନ୍ତ ବିଶ୍ୱାଳଙ୍କୁ ୬ ଖଣ୍ଡ ଭୋଟ୍ ମିଳିଥିବା ବେଳେ ପ୍ରତିପକ୍ଷ ଦଳର ପ୍ରାର୍ଥୀ ସରୋଜକାନ୍ତ ସାହୁଙ୍କୁ ୫ ଖଣ୍ଡ ଭୋଟ ମିଳିଥିଲା। ତେବେ ଖଣ୍ଡେ ଭୋଟ ନାକଚ ହୋଇଥିବା ଜଣାପଡ଼ିଛି। ଭୋଟ ଗଣତି ଶାନ୍ତିଶୃଙ୍ଖଳାରେ ହେବା ସହ ସଭାପତି ଭାବେ ସୁଶାନ୍ତ କୁମାର ବିଶ୍ୱାଳ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ମୃତ୍ୟୁଞ୍ଜୟ ରାଉତ ସୂଚନା ଦେଇଛନ୍ତି। ଏହି ନିର୍ବାଚନରେ ମୋଟ ୧୨ ଜଣ ନିର୍ବାଚିତ ବୋର୍ଡ ସଦସ୍ୟ ମତଦାନ ସାବ୍ୟସ୍ତ କରିଥିଲେ।



ଲୋକଙ୍କ ଆକ୍ରମଣରେ ଆହତ ସବ୍‌ଇନ୍ସପେକ୍ଟର ରବୀନ୍ଦ୍ର କୁମାର ଭଦ୍ର।

# ଆଳି ଧୋୟାଞ୍ଚଳର ୧୦ ପଞ୍ଚାୟତରେ ଶକ୍ତିମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା

ଆଳି,୮।୭(ଡି.ଏନ୍.ଏ.)

ରାଜ୍ୟ ସରକାରଙ୍କ ଶକ୍ତି, ଶିଳ୍ପ ଓ ଲଘୁ ଉଦ୍ୟୋଗ ମନ୍ତ୍ରୀ ତଥା ଆଳି ବିଧାୟକ ପ୍ରତାପ କେଶରୀ ଦେବ ମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଶୁକ୍ରବାର ପ୍ରଥମଥର ପାଇଁ ଆଳି ଧୋୟାଞ୍ଚଳ ଭାବେ ପରିଚିତ ୧୦ଟି ପଞ୍ଚାୟତ ଗସ୍ତ କରିଥିଲେ। ଶୁକ୍ରବାର ପୂର୍ବାହ୍ନରେ ମନ୍ତ୍ରୀ ଦେବ ମାନପୁର ସେତୁ ନିକଟରେ ପହଞ୍ଚିବା ପରେ ଅପେକ୍ଷାରତ ଭୂଇଁପୁର ସରପଞ୍ଚ ରେଷ୍ମାରାଣୀ ମଲିକ, ସମିତିସଭ୍ୟ ମିନତି ସାମଲ, ପ୍ରିୟବ୍ରତ ପାତ୍ର, ଭୂଇଁପୁର ସମବାୟ ସଭାପତି ଦିବାକର ପଣ୍ଡାଙ୍କ ସମେତ ସାଧାରଣ ଜନତା ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ମନ୍ତ୍ରୀ ଦେବଙ୍କ ସହ ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ବ୍ଲକ ବିଜେଡି ସଭାପତି ସନାତନ ମିଶ୍ର ଓ ଜିଲା ପରିଷଦ ସଭ୍ୟ ଭୀଷ୍ମ ମହାନ୍ତି ଉପସ୍ଥିତ ଥିଲେ। ମନ୍ତ୍ରୀ ଦେବ ପ୍ରଥମେ ସଂସିଧା ପଞ୍ଚାୟତ ଗସ୍ତ କରିବା ପରେ ପଞ୍ଚାୟତର ସରପଞ୍ଚ ଦୀପକ ଭୂୟାଁ, ସମିତିସଭ୍ୟା ମମତା ଭୂୟାଁ, ଜ୍ୟୋତିରଞ୍ଜନ ଭୂୟାଁ ପ୍ରମୁଖ ସ୍ୱାଗତ କରିଥିଲେ। ପରେ ଏରଡ଼ଙ୍ଗ ପଞ୍ଚାୟତରେ ପୂର୍ବତନ ସରପଞ୍ଚ ତଥା ଦେସାହି ସମବାୟ ସଭାପତି ପୁରୁଷୋତ୍ତମ ପଲାଇଙ୍କ ନେତୃତ୍ୱରେ ମନ୍ତ୍ରୀ ଦେବଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସେହିପରି ପେଟପଡା, ପାଳିମି, ଦେସାହି, କେତୁଆପାଳ, ଗୋବିନ୍ଦପୁର ପଞ୍ଚାୟତର ବିଭିନ୍ନ ଗ୍ରାମରେ ସମ୍ବର୍ଦ୍ଧନା ଜ୍ଞାପନ କରାଯିବା ପରେ ଜୁଆଣିଆ ସରପଞ୍ଚ ସୁବ୍ରତ ନାୟକଙ୍କ ନେତୃତ୍ୱରେ ମହିଳା ଏକତ୍ରିତ ହୋଇ ମନ୍ତ୍ରୀ ଦେବଙ୍କୁ ବନ୍ଦାପନା କରିବା ସହିତ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ଦେଇଥିଲେ। ଏହାପରେ ଅରଗଳଠାରେ ସରପଞ୍ଚ ଦୀପ୍ତିବାଳା ସାହୁ ଓ ସମିତିସଭ୍ୟା ସ୍ୱପ୍ନାରାଣୀ ପାତ୍ର, ନିରଞ୍ଜନ ସାହୁଙ୍କ ଉପସ୍ଥିତିରେ ଶତାଧିକ କର୍ମୀ ମନ୍ତ୍ରୀ ଦେବଙ୍କୁ ବିପୁଳ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏହାପରେ ମଧୁବନ ଛକଠାରେ ରାଉତ କନ୍‌ଷ୍ଟ୍ରକ୍‌ଶନ ପକ୍ଷରୁ ସୁକାନ୍ତ କୁମାର ରାଉତ ମନ୍ତ୍ରୀ ଦେବଙ୍କୁ ସ୍ୱାଗତ କରିଥିଲେ। ଶେଷରେ ଡିମିରିପାଳ ପଞ୍ଚାୟତରେ ଜିଲା ପରିଷଦ ସଭ୍ୟା କନକଲତା ବେହେରା, ସରପଞ୍ଚ ଶିବ ସେଠୀ ଓ ସମିତିସଭ୍ୟ ଲକ୍ଷ୍ମୀଧର ମଲିକଙ୍କ ସମେତ ଶତାଧିକ କର୍ମୀ ମନ୍ତ୍ରୀ ଦେବଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପ୍ରତାପ ଦେବଙ୍କ ଏହି ଧୋୟାଞ୍ଚଳ ଗସ୍ତ କାର୍ଯ୍ୟକ୍ରମରେ ପୂର୍ବତନ ଜିଲା ପରିଷଦ ସଭ୍ୟ ଧନରଞ୍ଜନ ବୋଷ୍, କେଦାରନାଥ ବେହେରା, ସମବାୟ ସଭାପତି ଅଜିତ୍ ନାୟକ, ଦିବାକର ନାୟକ, ସହିରା ସରପଞ୍ଚ ହେମନ୍ତ ମହାନ୍ତି, ଅସିତ୍ ସାହୁ, ସୁବ୍ରତ ଦାଶ, ନିର୍ମଳ ବେହେରା, ଶରତ ଦାସ ପ୍ରମୁଖଙ୍କ ସମେତ ଅନେକ ବରିଷ୍ଠ ବିଜେଡି ନେତା ସାମିଲ ଥିଲେ।



ମନ୍ତ୍ରୀ ପ୍ରତାପ ଦେବଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଶ୍ରୀଜୀଉଙ୍କ ସନ୍ଧ୍ୟାଦର୍ଶନ ଶେଷ

କେନ୍ଦ୍ରାପଡ଼ା ଅଫିସ, ୮।୭

କେନ୍ଦ୍ରାପଡ଼ା ଇଚ୍ଛାପୁରସ୍ଥିତ ଶ୍ରୀଗୁଣ୍ଡିଚା ମନ୍ଦିର ଆଡପ ମଣ୍ଡପରେ ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବଜୀଉଙ୍କ ସନ୍ଧ୍ୟା ଦର୍ଶନ ଶୁକ୍ରବାର ଶେଷ ହୋଇଛି। ଆଡପ ମଣ୍ଡପରେ ଶେଷ ଦର୍ଶନ ହୋଇଥିବାରୁ ପ୍ରତ୍ୟୁଷରୁ ଶ୍ରଦ୍ଧାଳୁଙ୍କ ଗହଳି ଦେଖିବାକୁ ମିଳିଥିଲା। ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଜିଲା ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଧାଡିରେ ଯାଇ ଶ୍ରଦ୍ଧାଳୁମାନେ ୩ ଠାକୁରଙ୍କୁ ଦର୍ଶନ କରିଥିଲେ। ରୀତିନୀତି ଅନୁଯାୟୀ, ସକାଳ ୬ରେ ଶ୍ରୀଜୀଉଙ୍କ ମଙ୍ଗଳ ଆଳତୀ ହୋଇଥିଲା। ସାଢେ ୮ଟାରେ ନୀତିସ୍ନାନ, ସାଢେ ୯ଟାରେ ଗୋପାଳବଲ୍ଲଭ ଧୂପ, ଅପରାହ୍ନ ୧ଟାରେ ଖେଚୁଡି ଧୂପ ଓ ସାହାଣ ମେଲା ହୋଇଥିଲା। ଅପରାହ୍ନ ୪ଟାରୁ ୫ଟା ପର୍ଯ୍ୟନ୍ତ ମନ୍ଦିର ବନ୍ଦ ରହିଥିଲା। ସନ୍ଧ୍ୟା ସାଢେ ୬ଟାରେ ଉଠାଣି ଅବକାଶ ହୋଇ ସନ୍ଧ୍ୟା ଆଳତୀ ସମାପ୍ତ ହୋଇଥିଲା। ଶ୍ରୀଜୀଉଙ୍କ ରୀତିନୀତି ଅନୁଯାୟୀ, ରାତ୍ର ୧୧ଟାରେ ବଡସିଂହାର ବେଶ ହୋଇ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ହୋଇଥିବା ଉପୁଣୀ ପିଠା ମଣୋହୀ ହେବ ବୋଲି ମନ୍ଦିର ସେବାୟତ ଶଶିକାନ୍ତ ସୂଆର ସୂଚନା ଦେଇଛନ୍ତି। ଶନିବାର ବାହୁଡା ଦଶମୀ ଅବସରରେ ଶ୍ରୀଜୀଉଙ୍କ ଖେଚୁଡି ଭୋଗ ପରେ ରଥ ଦକ୍ଷିଣ ମୋଡ ହେବ। ବାହୁଡା ଦ୍ୱାରରେ ସନ୍ଧ୍ୟା ପ୍ରାୟ ୭ଟାରେ ଶ୍ରୀଜୀଉଙ୍କୁ ଧାଡି ପହଣ୍ଡିରେ ରଥାରୂଢ଼ କରାଯିବ। ଏକାଦଶୀ ତିଥିରେ ଅପରାହ୍ନ ୨ଟାରେ ଶ୍ରୀଜୀଉଙ୍କ ବ୍ରହ୍ମ ତାଳଧ୍ୱଜ ରଥ ଟଣା ହେବ ବୋଲି ଦେବୋତ୍ତର ଟ୍ରଷ୍ଟ ବୋର୍ଡର କାର୍ଯ୍ୟନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ ସୂଚନା ଦେଇଛନ୍ତି।



ଆଡପ ମଣ୍ଡପରେ ଶ୍ରୀବଳଦେବଜୀଉ, ମା' ସୁଭଦ୍ରା, ଶ୍ରୀଜଗନ୍ନାଥ ଜୀଉ।

## ତହସିଲ କାର୍ଯ୍ୟାଳୟରେ ପାନୀୟଜଳର ବ୍ୟବସ୍ଥା ନାହିଁ

ପଟ୍ଟାମୁଣ୍ଡାଇ, ୮।୭(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ତହସିଲ କାର୍ଯ୍ୟାଳୟରେ ପାନୀୟ ଜଳ ପାଇଁ କୌଣସି ବ୍ୟବସ୍ଥା କରାଯାଇନାହିଁ। ଫଳରେ ତହସିଲ ଉପରେ ନିର୍ଭରଶୀଳ ପଟ୍ଟାମୁଣ୍ଡାଇ ବ୍ଲକର ୩୧ ପଞ୍ଚାୟତ ଓ ପୌରାଞ୍ଚଳର ୨୧ ୱାର୍ଡର ଜନସାଧାରଣ, ଛାତ୍ରୀଛାତ୍ର ଜମିଜମା କାଗଜପତ୍ର ଓ ସାର୍ଟିଫିକେଟ ପାଇଁ ଆସିବାବେଳେ ପିଇବାକୁ ପାଣି ଟୋପେ ପାଉନାହାନ୍ତି। ପୂର୍ବରୁ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଏକ ନଳକୂପ ଥିଲା। କିଛିଦିନ ହେଲା ସେହି ନଳକୂପ ଅଚଳ ହୋଇପଡିଥିଲା। ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ମରାମତି ହୋଇଥିଲା। କିନ୍ତୁ କିଛିଦିନ ପରେ ତାହା ପୁଣି ଅଚଳ ହୋଇପଡ଼ିଛି। ବାହାରୁ କାର୍ଯ୍ୟାଳୟକୁ ଆସୁଥିବା ଲୋକେ ଶୋଷ ହେଲେ ଦୋକାନରୁ ପାଣି କିଣି ପିଉଛନ୍ତି। ଏ ନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ସୁଦାମ ସାହୁ କହିଛନ୍ତି, ନଳକୂପ ତହସିଲ କାର୍ଯ୍ୟାଳୟ ଆଗରେ ରହିଛି। ମରାମତି ପାଇଁ ତହସିଲ କାର୍ଯ୍ୟାଳୟ ପକ୍ଷରୁ ପୌର ପରିଷଦକୁ ଅବଗତ କରାଯିବା ଦରକାର।

# ସ୍କୁଲର ଗରିମା ବଜାୟ ରଖିଛନ୍ତି ଛାତ୍ରୀଛାତ୍ର

ଆଳି,୮।୭(ଡି.ଏନ୍.ଏ.)

ଆଳି ଅଞ୍ଚଳର ପ୍ରମୁଖ ଶିକ୍ଷା ଅନୁଷ୍ଠାନ ଶରତ କୁମାର ଦେବ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବିଦ୍ୟାଳୟର ଗରିମା ବଜାୟ ରଖିଛନ୍ତି ବୋଲି ଶୁକ୍ରବାର ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ଅତିଥିମାନେ କହିଛନ୍ତି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଳି ମଣ୍ଡଳ ଶିକ୍ଷା ଅଧିକାରୀ ସରୋଜକାନ୍ତ ବିହାରୀ କହିଲେ, ଶରତ କୁମାର ଦେବ ସରକାରୀ ଉଚ୍ଚ ବିଦ୍ୟାଳୟ ସମସ୍ତ ପରୀକ୍ଷାରେ ତା'ର ସ୍ଥାନ ବଜାୟ ରଖିଛି। ପ୍ରତ୍ୟେକ ବର୍ଷ ସଫଳତାର ହାର ବଢ଼ି ବଢ଼ି ଚାଲିଛି। ଏହା ଏ ଅଞ୍ଚଳବାସୀଙ୍କ ପାଇଁ ଶୁଭଙ୍କର। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ବନମାଳୀ ସେନାପତି, ପ୍ରମୋଦ ମଲ୍ଲିକ, ବ୍ଲକ ନୋଡାଲ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିରଞ୍ଚି ନାରାୟଣ ମହାପାତ୍ର, ସିଆରସିସି ହଳଧର ସାହୁ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ସେମାନଙ୍କ ଭବିଷ୍ୟତ ଗଠନର ଅନେକ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଚଳିତ ମାଟ୍ରିକ୍ ପରୀକ୍ଷାରେ ଏ-୧ ପାଇଥିବା ୭ ଛାତ୍ରୀଛାତ୍ର ଓ ଅନ୍ୟ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ୧୫ଜଣ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମାଟ୍ରିକ୍‌ପରୀକ୍ଷାରେ ଏ-୧ ପାଇ ବ୍ଲକ ଟପ୍ପର ହୋଇଥିବା ଅଙ୍କିତା ସାହୁ, ଅର୍ପିତା ବେହେରା, ବାଗେଶ୍ୱରୀ ବ୍ରହ୍ମଦର୍ଶିନୀ ବେହେରା, ଶ୍ରୀକାନ୍ତ ପାତ୍ର, ସୋମନାଥ ସାହୁ, ବର୍ଷା ପ୍ରିୟଦର୍ଶିନୀ ରାଉତ, ସନ୍ଦୀପ କୁମାର ନାୟକଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଶିବ ପ୍ରସାଦ ସାହୁ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ହୃଦାନନ୍ଦ ମହାନ୍ତି ଅତିଥି ପରିଚୟ ଓ ଦଶରଥ ମଲିକ ଧନ୍ୟବାଦ ଦେଇଥିଲେ।

**ଶରତ କୁମାର ଦେବ ସରକାରୀ ଉଚ୍ଚ ବିଦ୍ୟାଳୟ**



କୃତୀ ଛାତ୍ରୀଛାତ୍ରଙ୍କ ଗହଣରେ ଅତିଥିମାନେ।

# ନୃସିଂହ, ବଂଶୀଧର, ଧ୍ରୁବ ସଭାପତି ନିର୍ବାଚିତ

ରାଜନଗର, ୮।୭(ଡି.ଏନ୍.ଏ.)

କେନ୍ଦ୍ରାପଡ଼ା ଜିଲାରେ ସମବାୟ ନିର୍ବାଚନ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରାଜନଗର ବ୍ଲକର ୧୪ଟି ସେବା ସମବାୟ ସମିତି ମଧ୍ୟରୁ ତାଳଚୁଆ, କୁରୁଣ୍ଟି, ଗୋପାଳପୁର, ଓସ୍ତିଆ, ଫିରିକିଦାଣ୍ଡି, ନୋଧାବସନ୍ତ ସେବା ସମବାୟ ସମିତିର ସଭାପତି ନିର୍ବାଚନ ଶେଷ ହୋଇଛି। ଶୁକ୍ରବାର କୋଇଲିପୁର, ବଡ଼ନାଉକୋଣା, ଚାନ୍ଦିବାଉଁଶମୂଳ ଓ ବାଲିସାହିପାଟଣା ପ୍ରାଥମିକ କୃଷି ସେବା ସମବାୟ ସମିତି ପାଇଁ ସଭାପତି ନିର୍ବାଚନ ଅନୁଷ୍ଠିତ ହୋଇଥିଲା। କୋଇଲିପୁର ସେବା ସମବାୟ ସମିତିରେ ବିଜେଡି ସମର୍ଥିତ ନୃସିଂହ ସାହୁ ୧୦ଟି ଓ କଂଗ୍ରେସ ସମର୍ଥିତ ଗୌରାଙ୍ଗ ମହାରଣା ୫ଟି ଭୋଟ୍ ପାଇଛନ୍ତି। ନୃସିଂହ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି ବଡ଼ନାଉକୋଣା ସେବା ସମବାୟ ସମିତିରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଥିଲା। ବିଜେଡି ସମର୍ଥିତ ନରେଶ କୁମାର ବେହେରା ୮ଟି ଓ କଂଗ୍ରେସ ସମର୍ଥିତ ରବୀନ୍ଦ୍ର ପଢ଼ିହାରୀ ୭ଟି ଭୋଟ ପାଇଥିଲେ। ନରେଶ ଖଣ୍ଡେ ଭୋଟରେ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଚାନ୍ଦିବାଉଁଶମୂଳ ସେବା ସମବାୟ ସମିତିରେ ବିଜେଡି ସମର୍ଥିତ ଧ୍ରୁବଚରଣ ମହାନ୍ତିଙ୍କ ସହ ମହେନ୍ଦ୍ର କୁମାର ଦାସଙ୍କ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଧ୍ରୁବ ୧୦ଟି ଓ ମହେନ୍ଦ୍ର ୫ଟି ଭୋଟ ପାଇଥିଲେ। ଧ୍ରୁବ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି ବାଲିସାହିପାଟଣା ସେବା ସମବାୟ ସମିତିରେ ବିଜେଡି ସମର୍ଥିତ ବଂଶୀଧର ବରାଳ ୧୦ଖଣ୍ଡ ଭୋଟ ପାଇ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଏହି ସମିତିରେ ବିଜେଡି ସମର୍ଥିତ ୩ ଜଣ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଦଳୀୟ ହୁଇପ୍ ପରେ ଅରୁଣ କୁମାର ସାହୁ ଓ ନିମାଇଁ ଚରଣ ରାଉତ ଦଳୀୟ ପ୍ରାର୍ଥୀ ବଂଶୀଧର ବରାଳଙ୍କୁ ନିଜ ଭୋଟ ଦେଇଥିଲେ। ୪ ସେବା ସମବାୟ ସମିତିର ସଭାପତି ନିର୍ବାଚନରେ ବିଜେଡି ସମର୍ଥକମାନେ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ବ୍ଲକ ବିଜେଡି ସଭାପତି ତଥା କେନ୍ଦ୍ରାପଡା ଜିଲା ପରିଷଦ ଉପାଧ୍ୟକ୍ଷ ଅଶୋକ କୁମାର ପ୍ରତିହାରୀ ନିର୍ବାଚିତ ସଭାପତିମାନଙ୍କୁ ଓ ଏହି ସେବା ସମବାୟ ସମିତିର ସମସ୍ତ ବିଜୟୀ ନିର୍ଦ୍ଦେଶକମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।



ଚାନ୍ଦିବାଉଁଶମୂଳ ସମବାୟ ସମିତିର ନିର୍ବାଚିତ ସଭାପତି ଧ୍ରୁବଚରଣ ମହାନ୍ତି ଓ ଅନ୍ୟମାନେ।

**ସେବା ସମବାୟ ସମିତି ନିର୍ବାଚନ**

# ଉପଖଣ୍ଡସ୍ତରୀୟ ଡାକ୍ତରଖାନା ପ୍ରତିଶ୍ରୁତି ଧୂଆଁବାଣ

ଯାଜପୁର ଅଫିସ, ୮।୭

ଯାଜପୁର ଜିଲାର ଅନ୍ୟତମ ସହର ଯାଜପୁର ରୋଡ୍ ସବୁ କ୍ଷେତ୍ରରେ ଅବହେଳିତ। ସହରର ଆୟତନ ଓ ଲୋକସଂଖ୍ୟା ବଢ଼ି ଚାଲିଥିଲେ ହେଁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଭିତ୍ତିଭୂମି ସୁଦୃଢ଼ ହୋଇପାରୁନାହିଁ। ଆବଶ୍ୟକ ବିଶେଷଜ୍ଞ ଡାକ୍ତର ଅଭାବ ସହରବାସୀଙ୍କୁ ଚିନ୍ତିତ କରୁଛି। ପ୍ରାୟ ୨ ଦଶନ୍ଧି ହେଲା ଏହି ସହରରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଓ ଉପଖଣ୍ଡସ୍ତରୀୟ ଡାକ୍ତରଖାନା ମାନ୍ୟତା ଦାବି ହୋଇଆସୁଛି। ନେତା, ମନ୍ତ୍ରୀ ପ୍ରତିଶ୍ରୁତି ଦେଉଛନ୍ତି। ହେଲେ କୌଣସି ଏକ ଅଦୃଶ୍ୟ ଶକ୍ତି ଏହିସବୁ ବିକାଶମୂଳକ କାର୍ଯ୍ୟରେ ଅନ୍ତରାୟ ସାଜୁଛନ୍ତି ବୋଲି ବିଭିନ୍ନ ମହଲରେ ମତପ୍ରକାଶ ପାଇଛି। ଏଥିପାଇଁ ଜନଆନ୍ଦୋଳନର ଆବଶ୍ୟକତା ରହିଥିବା ଅନୁଭବ କରି କେତେକ ସଂଗଠନ ପକ୍ଷରୁ ପ୍ରସ୍ତୁତି ଚାଲିଥିବା ସୂଚନା ମିଳିଛି। ଜିଲାର ପ୍ରାୟ ସମସ୍ତ ଅଞ୍ଚଳରେ ଡିଏମ୍ଏଫ୍(ଜିଲା ଖଣିଜ ପଦାର୍ଥ ପ୍ରତିଷ୍ଠାନ) ପାଣ୍ଠିର ବିନିଯୋଗ ହେଉଥିବାବେଳେ ଯାଜପୁରରୋଡ୍ ଏଥିରୁ ବଞ୍ଚିତ ରହିଛି। ୨୦୧୯ରେ ତତ୍କାଳୀନ ଜିଲାପାଳ

**ଯାଜପୁର ରୋଡ୍**

■ ଆନ୍ଦୋଳନ ପାଇଁ ସଜବାଜ

ଯାଜପୁର ରୋଡ୍‌ରେ ଡିଏମଏଫ୍ ପାଣ୍ଠି ବିନିଯୋଗ କରାଯିବ ବୋଲି ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହା ବି ଏଯାଏ କାର୍ଯ୍ୟକାରୀ ହୋଇପାରିନାହିଁ। ବିଶେଷକରି ସ୍ୱାସ୍ଥ୍ୟକ୍ଷେତ୍ର ଅବହେଳିତ ଥିବାର ସୁଯୋଗରେ ବହୁ ବେସରକାରୀ ସ୍ୱାସ୍ଥ୍ୟ ଅନୁଷ୍ଠାନ ମାଲାମାଲ ହେଉଛନ୍ତି। ଧନୀ ଶ୍ରେଣୀର ଲୋକେ ବେସରକାରୀ ଅନୁଷ୍ଠାନରେ ଚିକିତ୍ସା ସୁବିଧା ପାଇପାରୁ ଥିବାବେଳେ ଗରିବ ରୋଗୀ ନିଜ ଭାଗ୍ୟକୁ ଆଦରି ପଡ଼ି ରହୁଛନ୍ତି। ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଅନେକ ନୂଆ ଉଦ୍ଭାବନ ହୋଇଚାଲିଛି। ଏଥିଯୋଗୁ ବହୁ ଜଟିଳ ରୋଗର ଚିକିତ୍ସା ସମ୍ଭବ ହେଲାଣି। କିନ୍ତୁ ଯେତେ ଯାହା ହେଲେ ବି ଯାଜପୁରରୋଡ ସହରବାସୀଙ୍କ ପାଇଁ ରୋଗଦୁଃଖ ଚିର ସହଚର ହୋଇଛି। ୩୦ ଶଯ୍ୟା ବିଶିଷ୍ଟ ଯାଜପୁରରୋଡ ସିଏଚ୍‌ସି ଲୋକସଂଖ୍ୟା ତୁଳନାରେ ଯଥେଷ୍ଟ ହେଉନାହିଁ। ଏଠାରେ ୧୦୦ ଶଯ୍ୟା ସମେତ ଏକ ଉପଖଣ୍ଡସ୍ତରୀୟ ଡାକ୍ତରଖାନାର ଆବଶ୍ୟକ ରହିଥିବାବେଳେ




ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର।

ମାତ୍ର ୫ ଜଣ ଡାକ୍ତରରେ ଏକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି)ଚାଲିଛି। ସାଧାରଣତଃ ବ୍ଲକ ହେଡକ୍ୱାର୍ଟର୍ସ କିମ୍ବା ଗ୍ରାମାଞ୍ଚଳରେ ସିଏଚ୍‌ସି ରହିବାର ପ୍ରାବଧାନ ରହିଥିବାବେଳେ ପ୍ରାୟ ଦେଢ଼ଲକ୍ଷ ଜନସଂଖ୍ୟା ବିଶିଷ୍ଟ ପୌରାଞ୍ଚଳରେ ସିଏଚ୍‌ସି କେତେଦୂର ଯୁକ୍ତିଯୁକ୍ତ ବୋଲି ପ୍ରଶ୍ନ ଉଠିଛି। ୨୫।୨।୨୦୧୯ରେ ଯାଜପୁର ରୋଡ୍ ସିଏଚ୍‌ସି ବର୍ହିର୍ବିଭାଗ ଉଦ୍‌ଘାଟନ ସମୟରେ ତତ୍କାଳୀନ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ଏଠାରେ ଏକ ଉପଖଣ୍ଡସ୍ତରୀୟ ଡାକ୍ତରଖାନା କିମ୍ବା ଏକ ସୁପରସ୍ପେଶାଲିଟି ଡାକ୍ତରଖାନା ପ୍ରତିଷ୍ଠା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ପ୍ରାୟ ସାଢେ ୩ ବର୍ଷ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ସେହି ପ୍ରତିଶ୍ରୁତି ଧୂଆଁବାଣ ହୋଇଛି। ଅନ୍ୟପକ୍ଷେ ଏହି ସିଏଚ୍‌ସିରେ ଏକ ଅଲଟ୍ରାସାଉଣ୍ଡ ମେଶିନର ଆବଶ୍ୟକତା ରହିଥିବାବେଳେ ତାହା ମଧ୍ୟ ପୂରଣ ହୋଇପାରିନାହିଁ। ପୁରୁଣା ଏକ୍ସ-ରେ ମେଶିନ ରହିଛି, ଯାହା ରୋଗୀଙ୍କ ଆବଶ୍ୟକତା ପୂରଣ କରି ପାରୁନାହିଁ। ରାଜୀବ ଗାନ୍ଧୀ ଷ୍ଟାଡିୟମ ନିକଟରେ ଅର୍ବାନ ସିଏଚ୍‌ସି ପାଇଁ ପରିକଳ୍ପନା କରାଯାଇ ଜମି ଅଧିଗ୍ରହଣ ହୋଇସାରିଥିଲେ ହେଁ ତାହାର ପରବର୍ତ୍ତୀ ଅଗ୍ରଗତି ଶୂନ ହୋଇଛି। ଲୋକଙ୍କ ଘନ ଘନ ଅଭିଯୋଗ ଡାକ୍ତର ନାହାନ୍ତି, ଶଯ୍ୟା ନାହିଁ, ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଯନ୍ତ୍ରପାତି ନାହିଁ, କେତେକସ୍ଥଳେ ଯନ୍ତ୍ରପାତି ଅଛି ହେଲେ କାମକୁ ନାହିଁ। କିନ୍ତୁ କେହି ଶୁଣୁ ନାହାନ୍ତି। ଏହାର ସୁଯୋଗରେ କଟକ, ଭୁବନେଶ୍ୱର, ଯାଜପୁରର ବିଭିନ୍ନ ସରକାରୀ ଡାକ୍ତରଖାନାରେ କାର୍ଯ୍ୟରତ ଡାକ୍ତରମାନଙ୍କ ବ୍ୟବସାୟିକ ପେଣ୍ଠସ୍ଥଳୀ ପାଲଟିଛି ଯାଜପୁର ରୋଡ୍। ସହରରେ ଥିବା ୨୦ରୁ ଊର୍ଦ୍ଧ୍ୱ ମେଡିସିନ ଷ୍ଟୋର ସମେତ ବିଭିନ୍ନ କ୍ଲିନିକରେ ଏହି ଡାକ୍ତରମାନେ ସ୍ୱାସ୍ଥ୍ୟସେବାକୁ ବ୍ୟବସାୟୀକରଣ କରିଛନ୍ତି। ଅବସରପ୍ରାପ୍ତ ଡାକ୍ତରମାନଙ୍କ ପାଇଁ ଏହା ସ୍ୱାଗତଯୋଗ୍ୟ ହୋଇଥିବାବେଳେ ସରକାରୀ ଚାକିରିରେ ଥିବା ଡାକ୍ତରମାନେ ଅନେକ ସମୟରେ ତାଙ୍କ କର୍ତ୍ତବ୍ୟରେ ଅବହେଳା କରୁଥିବାରୁ ସାଧାରଣ ରୋଗୀ ହଇରାଣ ହେଉଥିବା ନଜିର ରହିଛି। ସାମାଜିକ କର୍ମୀ ରାଜେଶ କୁମାର ରାଉତ କୁହନ୍ତି, ଏଠାରେ ଉପଖଣ୍ଡସ୍ତରୀୟ ଡାକ୍ତରଖାନା ନିହାତି ଆବଶ୍ୟକ। ଯଦି ତୁରନ୍ତ ପଦକ୍ଷେପ ନ ନିଅନ୍ତି ତେବେ ଆଗକୁ ବ୍ୟାପକ ଆନ୍ଦୋଳନ କରାଯିବ।

## ସଂକ୍ଷେପରେ

### ଅଚିହ୍ନା ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଜବତ

**ଚଣ୍ଡିଖୋଲ,୮।୭(ଡି.ଏନ.ଏ.):** ବଡ଼ଚଣା ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର ବଡ଼ଚଣା ଛକ ନିକଟ ପେଟ୍ରୋଲ ପମ୍ପ ପଛପଟ ଏକ ଗଛରୁ ଶୁକ୍ରବାର ପୋଲିସ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଜବତ କରିଛି। ତାଙ୍କ ପରିଚୟ ମିଳି ପାରିନାହିଁ। ଗଛରେ ଜଣେ ବ୍ୟକ୍ତିଙ୍କ ମୃତଦେହ ଝୁଲୁଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ତଦନ୍ତ ଚଳାଇଛି। ତାଙ୍କୁ ପ୍ରାୟ ୭୦ ବର୍ଷ ବୟସ ହେବ ବୋଲି ପୋଲିସ ସୂଚନା ଦେଇଛି।

### ରସୁଲପୁର ପ୍ରେସ୍ ଫୋରମ ପକ୍ଷରୁ ବନ ମହୋତ୍ସବ



**ରସୁଲପୁର,୮।୭(ଡି.ଏନ.ଏ.):** ରସୁଲପୁର ପ୍ରେସ୍ ଫୋରମ ପକ୍ଷରୁ କୁଆଖିଆ ବଜାରସ୍ଥିତ ଫୋରମର କାର୍ଯ୍ୟାଳୟ ପରିସରରେ ବନମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ଫୋରମର ସଦସ୍ୟମାନେ କାର୍ଯ୍ୟାଳୟ ପରିସରରେ ବଉଳ, ରାଧାଚୂଡା ଭଳି ଛାଇ ପ୍ରଦାନକାରୀ ଚାରାରୋପଣ କରିଥିଲେ। ଭୋଟକା ସରପଞ୍ଚ ସ୍ମୃତିରେଖା ରାଉତ, କଳିଙ୍ଗ ଯୁବକ ସଂଘ ସଭାପତି ଶିଶିର ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଚାରାରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏଥିସହିତ ଚାରା ଲଗାଇବା ସହ ତା'ର ରକ୍ଷଣାବେକ୍ଷଣ ଉପରେ ଧ୍ୟାନ ଦେବାକୁ ଫୋରମର ସଦସ୍ୟମାନଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ ଫୋରମ ସାଧାରଣ ସମ୍ପାଦକ ଜଗମୋହନ ରାଉତ, କାର୍ଯ୍ୟକାରୀ କମିଟି ସଦସ୍ୟ ରଞ୍ଜିତ ରାଉତ ଓ ସିର୍ଦ୍ଧାର୍ଥ ସ୍ୱୟଂଦୀପ୍ତ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।

### ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତୀକରଣ ପାଇଁ କମିଟି ଗଠନ

**ଧର୍ମଶାଳା,୮।୭(ଡି.ଏନ.ଏ.):** ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ଗଡ଼ମଧୁପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତୀକରଣ ପାଇଁ ଶୁକ୍ରବାର ଏକ କମିଟି ଗଠନ କରାଯାଇଛି। ୧୨ନଂ. ଜୋନ୍ ଜିଲା ପରିଷଦ ସଭ୍ୟା ପ୍ରଣତି ଲେଙ୍କାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀ ଓ ସ୍ଥାନୀୟ ବୁଦ୍ଧିଜୀବୀ ଉପସ୍ଥିତ ରହି ଡାକ୍ତରଖାନାର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଫାର୍ମାସିଷ୍ଟ କୈବଲ୍ୟ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗଠନ କରାଯାଇଥିବା କମିଟିରେ ସ୍ଥାନୀୟ ଅଞ୍ଚଳର ସାମାଜିକ କର୍ମୀ ଜଗଦୀଶ ଜେନାମଣି, ନାଏବ ସରପଞ୍ଚ ପ୍ରଜ୍ଞାସୀନୀ ଧୀର, ୱାର୍ଡ ସଭ୍ୟ ଆନନ୍ଦ ବାରିକ, ସ୍ଥାନୀୟ ସ୍କୁଲର ଶିକ୍ଷକ ଅଜୟ କୁମାର ମିଶ୍ର, ଡାକ୍ତରଖାନାର ସୁପରଭାଇଜର ରତ୍ନାକର ଗୋଛାୟତ, ନବକିଶୋର ବେହେରା ଓ ଅଜୟ ମୁଖୀ ପ୍ରମୁଖ ରହିଛନ୍ତି। ଏହି କମିଟି ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତୀକରଣ ଓ ସମସ୍ୟା ସମ୍ପର୍କରେ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରିବା ଆଗକୁ ଏହି କମିଟି ମାଧ୍ୟମରେ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟା ସମାଧାନ ହୋଇପାରିବ ବୋଲି ଆଶା କରାଯାଉଛି।

# କୃତୀ ଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଲେ ବିଧାୟିକା

ବରୀ,୮।୭(ଡି.ଏନ.ଏ.)

ଚଳିତ ମାଟ୍ରିକ ପରୀକ୍ଷାରେ ଯାଜପୁର ଜିଲାରେ ସର୍ବାଧିକ ନମ୍ବର ରଖି ବରୀ ବ୍ଲକ୍ ଅଧୀନ ମହେଶ୍ୱର ମଲ୍ଲ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ନୀହାରିକା ଦାସ କୃତିତ୍ୱ ହାସଲ କରିଛନ୍ତି। ଏହି ସଫଳତା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଥିବାବେଳେ ଶୁକ୍ରବାର ବରୀ ବିଧାୟିକା ସୁନନ୍ଦା ଦାସ ତାଙ୍କ ବାସଭବନରେ ପହଞ୍ଚି ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏଥିସହିତ ବରୀ ନିର୍ବାଚନମଣ୍ଡଳୀ ଅଧୀନ ରତ୍ନଗିରି ପଞ୍ଚାୟତର ଜଣେ କୃଷକ ପରିବାରର ଝିଅ ନିଜର ନିଷ୍ଠା, ଏକାଗ୍ରତା ଓ ପରିଶ୍ରମ ଫଳରେ ଆଜି ସଫଳତା ହାସଲ କରି



ବିଧାୟିକା ଛାତ୍ରୀ ନିହାରୀକାଙ୍କୁ ଶୁଭେଚ୍ଛା ଜଣାଉଛନ୍ତି।

ପାରିଛନ୍ତି ବୋଲି ବିଧାୟିକା ଦାସ ମତ ରଖିଛନ୍ତି। ସେହିପରି ବିଜେଡି ବ୍ଲକ୍ ସଭାପତି କେଦାର ସାମଲ, ବ୍ଲକ୍ କଂଗ୍ରେସ ସଭାପତି ମନୋଜ ଦାସ, ଶିକ୍ଷକ ନେତା ଲୋକନାଥ ଦାସ, ଅର୍ଜୁନୀ ରାଉତ, ଯୁବ ସାମାଜିକ କର୍ମୀ ନିହାର ରଞ୍ଜନ ଓ ସିଆରସିସି ପ୍ରମୋଦ କୁମାର ଦାସ ପ୍ରମୁଖ ଛାତ୍ରୀଙ୍କୁ ଭେଟି ଶୁଭେଚ୍ଛା ଜଣାଇଛନ୍ତି।

# ମାଉସୀ ମା' ମନ୍ଦିରରେ ଭଜନ ସନ୍ଧ୍ୟା

ଯାଜପୁର ଟାଉନ,୮।୭(ଡି.ଏନ.ଏ.)

ଯାଜପୁର ସହରସ୍ଥିତ ସଦାବ୍ରତ ମଠ ପରିସରରେ ଥିବା ଶ୍ରୀଜଗନ୍ନାଥଙ୍କ ମାଉସୀ ମା' ମନ୍ଦିର ପ୍ରାଙ୍ଗଣରେ ଗୀତାଜାଗରଣ ପରିଷଦ ଆନୁକୂଲ୍ୟରେ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ପୌରାଧ୍ୟକ୍ଷା ରଞ୍ଜୁଲତା ହୋତା ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନ ସଭାପତି ପ୍ରତିମା କର ଅଧ୍ୟକ୍ଷତା କରିଥିଲେ। ଭକ୍ତି କୈବଲ୍ୟ ଗ୍ରୁପ୍‌ର ପ୍ରତିଷ୍ଠିତ କଣ୍ଠଶିଳ୍ପୀମାନେ ଭାବପୂର୍ଣ୍ଣ ଭଜନ ପରିବେଷଣ କରିଥିଲେ। ଗୀତାଜାଗରଣ ପରିଷଦର ସମସ୍ତ ସଦସ୍ୟ ଓ ସଦାବ୍ରତ ମଠ କମିଟି ସଭ୍ୟମାନେ ସହଯୋଗ କରିଥିଲେ।

# ପୁସ୍ତକ ଲୋକାର୍ପଣ ଉତ୍ସବ

ସିଂହପୁର,୮।୭(ଡି.ଏନ.ଏ.)

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ବାଙ୍ଗରା ମା'ଯଶୋଦା କଳା ପରିଷଦ ଆନୁକୂଲ୍ୟରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ପଣ୍ଡିତ ମହେଶ୍ୱର ନନ୍ଦଙ୍କ ଲିଖିତ କୁଳବୋହୂ ଉପନ୍ୟାସର ଲୋକାର୍ପଣ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ପଣ୍ଡିତ ମହେଶ୍ୱର ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦକ ଦିନେଶ ମଲିକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଅଜୟ ଓଝା, ମୁଖ୍ୟବକ୍ତା ଶିକ୍ଷାବିତ ବୀରେନ୍ଦ୍ର କୁମାର ପଣ୍ଡା, ସମ୍ମାନିତ ଅତିଥି ଖବରଦାତା ଅନିରୁଦ୍ଧ ବେଉରିଆ, ଆଳି ନାଗରିକ ମଞ୍ଚ ସଭାପତି ଧନେଶ୍ୱର ରାଉତ, ବିଦ୍ୟୁତ୍ ପ୍ରଭା ସାହିତ୍ୟ ସଂସଦ ସଭାପତି କବି ନେତ୍ରାନନ୍ଦ ଦାସ, ଶିକ୍ଷକ ସଞ୍ଜୟ ସାମଲ, ଗୋବିନ୍ଦ ଚନ୍ଦ୍ର ନନ୍ଦ, ମନୋଜ ପରିଡ଼ା ଓ ଲକ୍ଷ୍ମୀଧର ଦୀକ୍ଷିତ ପ୍ରମୁଖ ଯୋଗଦାନ କରି ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ସାମାଜିକ କର୍ମୀ ପୁରୁଷୋତ୍ତମ ପଲାଇ, ଶିକ୍ଷାବିତ୍ ସରୋଜ ମଲିକ, ପରିବେଶବିତ୍ ବଟକୃଷ୍ଣ ପଣ୍ଡା, କଣ୍ଠଶିଳ୍ପୀ ବିଜୟିନୀ ଦାସ, ମଞ୍ଚ ନିର୍ଦ୍ଦେଶକ ବିକାଶ ପ୍ରଧାନଙ୍କୁ ଅନୁଷ୍ଠାନ ପକ୍ଷରୁ ଉପଢୌକନ ଓ ଉପାୟନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ମଳୟ ରଥ ଓ ସୁପ୍ରଭା ନନ୍ଦ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଦିଲୀପ ଦାସ ଧନ୍ୟବାଦ ଦେଇଥିଲେ।



ଅତିଥିମାନେ 'କୁଳବୋହୂ' ଉପନ୍ୟାସର ଲୋକାର୍ପଣ କରୁଛନ୍ତି।

# ବ୍ଲକରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ଛାତ୍ରୀ କ୍ରିଷ୍ଣାଙ୍ଗୀ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଧର୍ମଶାଳା,୮।୭(ଡି.ଏନ.ଏ.)

ଚଳିତ ମାଟ୍ରିକ ପରୀକ୍ଷାରେ ଧର୍ମଶାଳା ବ୍ଲକ ଅଧୀନ ଜାରକାସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଛାତ୍ରୀ କ୍ରିଷ୍ଣାଙ୍ଗୀ ନାୟକ ବ୍ଲକରେ ସର୍ବାଧିକ ନମ୍ବର ରଖି ପାସ କରିଥିବାରୁ ଶୁକ୍ରବାର ବିଭିନ୍ନ ସଙ୍ଗଠନ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଆୟୋଜିତ ଉତ୍ସବରେ ପ୍ରଧାନଶିକ୍ଷକ ନବଘନ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ପ୍ରଗତି ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ଇଂ. ବିଶ୍ୱଜିତ ମହାନ୍ତି, ସାମାଜିକ କର୍ମୀ ନିବେଦିତା ମହାନ୍ତି, ମକରଧ୍ୱଜ ବେହେରା, ଉପସଭାପତି ଅବିନାଶ ସାହୁ, ସାମାଜିକ ନ୍ୟାୟ ଅଭିଯାନର ସଂଯୋଜକ ଦେବବ୍ରତ ରାଉତ ପ୍ରମୁଖ ଯୋଗଦେଇ ଛାତ୍ରୀ କ୍ରିଷ୍ଣାଙ୍ଗୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସହକାରୀ ଶିକ୍ଷକ ନିର୍ମଳ ନାୟକ ସୂଚନା ଦେଇ କହିଥିଲେ, କ୍ରିଷ୍ଣାଙ୍ଗୀ ବହୁ ପରିଶ୍ରମ କରି ପାଠ ପଢୁଥିଲେ। ଫଳରେ ତାଙ୍କୁ ଏହି ସଫଳତା ମିଳିଛି। କ୍ରିଷ୍ଣାଙ୍ଗୀ ତାଙ୍କ ସଫଳତା ପାଇଁ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଟିଉସନ ସାର ଓ ପିତାମାତାଙ୍କୁ ଶ୍ରେୟ ଦେଇଛନ୍ତି। ସେ ଭବିଷ୍ୟତରେ ଡାକ୍ତର ହୋଇ ଜନସେବା କରିବାକୁ ଇଚ୍ଛା ରଖିଥିବା କହିଛନ୍ତି। ଉତ୍ସବରେ କ୍ରିଷ୍ଣାଙ୍ଗୀଙ୍କ ବାପା ଶିକ୍ଷକ ପ୍ରଦ୍ୟୁମ୍ନ ନାୟକ, ମାତା ଶଶିରେଖା ନାୟକ ଉପସ୍ଥିତ ଥିଲେ। ଉକ୍ତ ବିଦ୍ୟାଳୟ ଚଳିତ ମାଟ୍ରିକ ପରୀକ୍ଷାରେ ଶତପ୍ରତିଶତ ରେଜଲ୍ଟ କରିଥିବାବେଳେ ଏ-୧ରେ ୧୦ ଜଣ ଛାତ୍ରୀଛାତ୍ର ପାସ କରିଛନ୍ତି।

# ଗୁଣ୍ଡିଚା ମନ୍ଦିର ଫଟୋ ଭାଇରାଲ

## ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବି

ପୁରୀ ଅଫିସ, ୮।୭

କିଛି ଦିନ ତଳେ ଶ୍ରୀମନ୍ଦିର ଭିତର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଶୁକ୍ରବାର ସୋସିଆଲ ମିଡିଆରେ ଶ୍ରୀଗୁଣ୍ଡିଚା ମନ୍ଦିର ଓ ଭିତର ବେଢ଼ା ଫଟୋ ଭାଇରାଲ ହୋଇଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠିଛି। ସେହିପରି ଜଗନ୍ନାଥ ପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଶାସନ ଏଭଳି ଘଟଣାକୁ ଗୁରୁତ୍ୱର ସହ ନେଉ ନ ଥିବା ଅଭିଯୋଗ ହେଉଛି।

ପୋଲିସ ପ୍ରଶାସନ ପକ୍ଷରୁ ବିଭିନ୍ନ ପର୍ଯ୍ୟାୟରେ ଭକ୍ତଙ୍କ ତଲାସି ନିଆଯାଇ ମନ୍ଦିରକୁ ପ୍ରବେଶ ଅନୁମତି ଦିଆଯାଉଛି। ସେହିପରି ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଏହାସତ୍ତ୍ୱେ କିଏ ମୋବାଇଲ ଫୋନ ଦ୍ୱାରା ଶ୍ରୀଗୁଣ୍ଡିଚା ମନ୍ଦିରର ଫଟୋ ଉଠାଇଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାର ତଦନ୍ତ ଦାବି କରାଯାଇଛି।

# ୩୭ ପ୍ରାଥମିକ ଶିକ୍ଷକଙ୍କ ପଦୋନ୍ନତି

ବିଞ୍ଝାରପୁର,୮।୭(ଡି.ଏନ.ଏ.)

ବିଞ୍ଝାରପୁର ବ୍ଲକ ଅଧୀନରେ କାର୍ଯ୍ୟରତ ୩୭ଜଣ ପ୍ରାଥମିକ ଶିକ୍ଷକଙ୍କ ପଦୋନ୍ନତି ହୋଇଛି। ଏ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ ମହମ୍ମଦ ହୁମାୟୁନ ଘୋଷଣା କରିଛନ୍ତି। ୩୭ ଜଣ ଶିକ୍ଷକଙ୍କ ମଧ୍ୟରୁ ୮ଜଣ ପ୍ରାଥମିକ ଶିକ୍ଷକ ଲେଭଲ ଭିବିରୁ ଆଇଭିକୁ ପଦୋନ୍ନତି ପାଇ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ହୋଇଛନ୍ତି। ମାତ୍ର ସେଥିମଧ୍ୟରୁ ୨ଜଣ ଶିକ୍ଷକ ପଦୋନ୍ନତିକୁ ଗ୍ରହଣ କରିନାହାନ୍ତି। ସେହିପରି ୨୯ ଜଣ ପ୍ରାଥମିକ ଶିକ୍ଷକ ଲେଭଲ ଭିରୁ ଆଇଭିକୁ ପଦୋନ୍ନତି ପାଇଛନ୍ତି। ସେମାନଙ୍କୁ ବରିଷ୍ଠ ଶିକ୍ଷକ ଭାବେ ଏମ୍ଇ, ୟୁଜିଏମଇ ଓ ନୋଡାଲ ସ୍କୁଲରେ ଥଇଥାନ କରାଯାଇଛି। ସେଥିମଧ୍ୟରୁ ୩ ଜଣ ଶିକ୍ଷକ ପଦୋନ୍ନତି ଗ୍ରହଣ କରିନାହାନ୍ତି। ତେବେ ୩୭ ଜଣ ଶିକ୍ଷକଙ୍କ ମଧ୍ୟରୁ ୫ଜଣ ଶିକ୍ଷକ ପଦୋନ୍ନତି ଗ୍ରହଣ କରି ନ ଥିବା ବ୍ଲକ ଶିକ୍ଷାଧିକାରୀ ପ୍ରକାଶ କରିଛନ୍ତି।

# ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବନ ମହୋତ୍ସବ




ଭଗବାନ ନନ୍ଦ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଚାରାରୋପଣ କରାଯାଉଛି।

ଯାଜପୁର ଟାଉନ,୮।୭(ଡି.ଏନ.ଏ.)

ଯାଜପୁର ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଯାଜପୁର ବ୍ଲକ ପଣସା ପଞ୍ଚାୟତର ଭଗବାନ ନନ୍ଦ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ଜିଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲା ଜଜ୍ ଶ୍ରୀକାନ୍ତ ମିଶ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଜିଲା ଆଇନ ସେବା ପ୍ରାଧିକରଣର କାର୍ଯ୍ୟକାରୀ ସମ୍ପାଦକ ଦୁର୍ବାସା ବୁର୍ଗୀ ଏହାକୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଜଜ୍ ଜ୍ଞାନେନ୍ଦ୍ର କୁମାର ବାରିକ, ସିଜିଏମ୍ ଜାନକୀ ବିଶ୍ୱାଳ, ବରିଷ୍ଠ ଦେୱାନୀ ବିଚାରପତି ହୃଷୀକେଶ ସାହୁ, ବରିଷ୍ଠ ଅତିରିକ୍ତ ଦେୱାନୀ ବିଚାରପତି ପ୍ରସନ୍ନ କୁମାର ବେହେରା, ରେଜିଷ୍ଟ୍ରାର ପି. ସୁଜାତା, ଏସ୍‌ଡିଜେଏମ୍ ବିଶ୍ୱକଲ୍ୟାଣୀ ମିଶ୍ର, ମୁନ୍‌ସିଫ୍ ଜୁଏଲ ପଟ୍ଟନାୟକ ଅଂଶ ଗ୍ରହଣ କରି ଚାରାରୋପଣ କରିଥିଲେ।

# ପ୍ରସ୍ତାବିତ ଠିପିଖୋଲା ମଦଦୋକାନକୁ ବିରୋଧ

ଚଢ଼େଇଧରା,୮।୭(ଡି.ଏନ.ଏ.)

ଯାଜପୁର ଜିଲା ଜେନାପୁର ଥାନା ଅଧୀନ ଗଡ଼ମଧୁପୁର ପଞ୍ଚାୟତ ରଗଡ଼ିପଶି ମୌଜା ଚଢ଼େଇଧରା ଛକରେ ଏକ ସରକାରୀ ବିଦେଶୀ ଠିପି ଖୋଲା ମଦ ଦୋକାନ ଖୋଲିବାକୁ ପ୍ରସ୍ତାବ ରହିଛି। ତେବେ ଏକଥା ଜଣାପଡ଼ିବା ପରେ ଅଞ୍ଚଳ ଲୋକଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଲୋକେ ଏହାକୁ ତୀବ୍ର ବିରୋଧ କରିଛନ୍ତି। ଏଥିସହିତ ଜିଲାପାଳ ମଦ ଦୋକାନ ଖୋଲିବା ଉପରେ ରହିତାଦେଶ ଲଗାଇବାକୁ ଦାବି କରିଛନ୍ତି। ମଦ ଦୋକାନ ଖୋଲିବା ନେଇ ଅଞ୍ଚଳବାସୀଙ୍କ ଆପତ୍ତି ଅଭିଯୋଗ ପାଇଁ ଗତ ମାସ ୨୭ ତାରିଖରୁ ସର୍ବସାଧାରଣ ବିଜ୍ଞପ୍ତି ଜାରି କରାଯାଇଛି। ଯଦି କାହାର କିଛି ଅଭିଯୋଗ ରହିଥାଏ ତେବେ ଆସନ୍ତା ୧୧ ତାରିଖ ସୁଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟରେ ତାହା ଦାଖଲ କରିବା ପାଇଁ ନିର୍ଦ୍ଦେଶ ରହିଛି। ମାତ୍ର ଉକ୍ତ ବିଜ୍ଞପ୍ତିର ବ୍ୟାପକ ପ୍ରଚାର ପ୍ରସାର କରାଯାଇନାହିଁ। ଅଦ୍ୟାବଧି ପଞ୍ଚାୟତର ସହଜ ଦୃଶ୍ୟମାନ ସ୍ଥାନରେ ନୋଟିସ ଲାଗିନାହିଁ କିମ୍ବା ବହୁଳ ପ୍ରଚାର ପ୍ରସାର ପାଇଁ ଡ୍ରମ ବାଦନ କରାଯାଇ ନାହିଁ। ପଲ୍ଲିସଭା, ଗ୍ରାମସଭା କି ଜନଶୁଣାଣି ହୋଇନାହିଁ। ତେବେ ଏଭଳି କରିବା ପଛରେ ମଦ ମାଫିଆଙ୍କ ହାତ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଜିଲା ଅବକାରୀ କାର୍ଯ୍ୟାଳୟ ଯାଜପୁର ପତ୍ର ସଂଖ୍ୟା ୧୪୯୩/୨୨ ଓ ପରିପତ୍ର ସଂଖ୍ୟା ୧୪୯୪/୨୨ରେ ଜିଲାର ମଧୁପୁରଗଡ଼ ପଞ୍ଚାୟତର ରଗଡ଼ିପଶି ମୌଜାରେ ଥିବା ଖାତା ନଂ.୪୧୯/୧୨୭ ଖସଡ଼ା ନଂ.୪୦୪ରେ ଏକ ମଦ ଦୋକାନ ଖୋଲିବାକୁ ପ୍ରସ୍ତାବ ରହିଛି। ଲୋକେ ଏହା କୌଣସି ସୂତ୍ରରୁ ଜାଣିବା ପରେ ପ୍ରସ୍ତାବିତ ମଦ ଦୋକାନ ବନ୍ଦ କରିବାକୁ ଶତାଧିକ ଦସ୍ତଖତ ସମ୍ବଳିତ ଲିଖିତ ଅଭିଯୋଗ ପତ୍ର ଜିଲାପାଳ ଓ ଅବକାରୀ ଅଧୀକ୍ଷକଙ୍କୁ ଦେଇଛନ୍ତି। ଏହାସତ୍ତ୍ୱେ ଯଦି ଏଠାରେ ମଦ ଦୋକାନ ହୁଏ ତେବେ ସରକାର ଏହାର କୁପରିଣାମ ଭୋଗିବେ ବୋଲି ଲୋକେ ଚେତାବନୀ ଦେଇଛନ୍ତି।

ଲୋକଙ୍କ କହିବା କଥା ହେଲା, ଏହା ଏକ ଅନୁନ୍ନତ ଅଞ୍ଚଳ। ଏଠାରେ ଶତକଡ଼ା ୮୦ ଭାଗ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ରହୁଛନ୍ତି। ଶହେ ପରିବାରରୁ ୮୦ରୁ ୯୦ ପରିବାର ଟଙ୍କିକିଆ ଚାଉଳ ନେଇ ବଞ୍ଚୁଛନ୍ତି। ମଦଦୋକାନ ଖୋଲିଲେ ଗରିବ ଲୋକଙ୍କ ପାଇଁ କାଳ ହେବ। ନିର୍ଦ୍ଧାରିତ ସ୍ଥାନଟି ଜାତୀୟ ରାଜପଥଠାରୁ ବହୁ ନିକଟରେ ରହିଛି। ଦୋକାନ ପାର୍ଶ୍ୱ ଦେଇ ରଗଡ଼ିପଶି ଉଚ୍ଚ ବିଦ୍ୟାଳୟକୁ ପିଲାମାନେ ଯାତାୟାତ କରିଥାନ୍ତି। ଜଗନ୍ନାଥ ଜୀଉ ମହାବିଦ୍ୟାଳୟ ମଧ୍ୟ ଏହା ନିକଟରେ ଅବସ୍ଥିତ। ତେଣୁ ଏହା ପିଲାଙ୍କ ଉପରେ କୁପ୍ରଭାବ ପକାଇବ। ପ୍ରସ୍ତାବିତ ମଦ ଦୋକାନଠାରୁ ରଗଡ଼ିପଶି ହିଙ୍ଗୁଳା ମନ୍ଦୀର ଦୂରତା ୫୦୦ମିଟରରୁ କମ ହେବ। ଆଖ ପାଖରେ ବଉଳମାଳ ଦୈନିକ ହାଟ, ମୁନିବାବାଙ୍କ ଆଶ୍ରମ, ତାରିଣୀ ମନ୍ଦିର ଓ ହନୁମାନ ମନ୍ଦିର ରହିଛି। ସେହିପରି ନିକଟରେ ଢେଙ୍କାନାଳ ଓ ଯାଜପୁର ଜିଲାକୁ ସଂଯୋଗ କରୁଥିବା ବସ ରହଣି ସ୍ଥଳ ରହିଛି। ତେଣୁ ମଦ ଦୋକାନ ଖୋଲା ଗଲେ ଏଠାରେ ମଦ୍ୟପଙ୍କ ଦୌରାତ୍ମ୍ୟ ବଢ଼ିବ। ଏହା ଲୋକଙ୍କ ସାମାଜିକ ଚଳଣି, ଅର୍ଥନୈତିକ ବ୍ୟବସ୍ଥା ସହିତ ସାମାଜିକ ଶାନ୍ତି ଶୃଙ୍ଖଳା ଭାଙ୍ଗ ହେବାର କାରଣ ସାଜିବ। ଚୋରି, ରାହାଜାନି, ଅସଦାଚରଣ ଓ ଦୁର୍ଘଟଣା ଆଦି ବହୁଳ ଘଟଣା ଘଟିବା ସମ୍ଭାବନାକୁ ମଧ୍ୟ ଏଡ଼ାଇ ଦିଆଯାଇ ପାରିବ ନାହିଁ। ଏହାସହିତ ସ୍ଥାନୀୟ ଅଞ୍ଚଳରେ ବସବାସ କରୁଥିବା ଅନୁସୂଚିତ ଜାତି, ଜନଜାତି ଓ ମୁଳିଆ ଶ୍ରେଣୀର ଲୋକେ ସେମାନଙ୍କ ମୂଲମଜୁରି ଅର୍ଥକୁ ମଦ ଦୋକାନରେ ଦେଇ ସର୍ବନାଶ ହେବେ ବୋଲି ଲୋକେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି।

## ସଂକ୍ଷେପରେ

### ଶ୍ରୀଜୀଉଙ୍କ ନବମୀ ଆଳତି ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼

ଖଣ୍ଡପଡା,୮।୭ (ସ୍ୱ.ପ୍ର.): ଖଣ୍ଡପଡା ସହରର ଗୁଣ୍ଡିଚା ମନ୍ଦିରରେ ଏକକ ଜଗନ୍ନାଥ (ପତିତପାବନ) ଓ ମହିମାମେରୁ (ଶ୍ରୀଜଗନ୍ନାଥ, ଶ୍ରୀ ବଳଭଦ୍ର ଓ ଦେବୀ ସୁଭଦ୍ରା)ଙ୍କ ଶୁକ୍ରବାର ସନ୍ଧ୍ୟା ଆଳତି ଦର୍ଶନ ନିମନ୍ତେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଆଡପ ମଣ୍ଡପରେ ଶ୍ରୀଜୀଉମାନଙ୍କ ଶେଷ ଦର୍ଶନ ଥିଲା। ବିଶ୍ୱାସ ଅଛି ନବମୀ ତିଥିରେ ଠାକୁରଙ୍କ ସନ୍ଧ୍ୟା ଆଳତି ଦର୍ଶନ ସହ ନିଜ ପରିବାର ଲୋକଙ୍କୁ ଦେଖିବାକୁ ପୂର୍ବ ପୁରୁଷମାନେ ଗୁଣ୍ଡିଚା ମନ୍ଦିରରେ ଅପେକ୍ଷା କରିଥାନ୍ତି। ତେଣୁ ଏହି ବିଶ୍ୱାସକୁ ଦୃଷ୍ଟିରେ ରଖି ଶ୍ରଦ୍ଧାଳୁମାନଙ୍କ ଭିଡ ପରିଲକ୍ଷିତ ହୋଇଥିଲା।

### ଆକ୍ରମଣ ଅଭିଯୋଗ, ଜଣେ ଗିରଫ

ବ୍ରହ୍ମପୁର ଅଫିସ,୮।୭: ୧୬ନଂ.ଜାତୀୟ ରାଜପଥର ହଳଦିଆପଦରରେ ଥିବା ଏକ ହୋଟେଲ ନିକଟରେ ଶିଶିର ସାହୁଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଥିଲା। ଏହି ଘଟଣା ପରେ ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ଗୋଷାଣି ନୁଆଗାଁ ପୋଲିସ ଗିରଫ କରିଛି। ସେ ହେଲେ କୃଷ୍ଣ ଚରଣ ରାଉତ। ମାମଲା ନଂ. ୧୦୯ /୨୨ରେ ପୋଲିସ ତାଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରିଛି। ଫେରାର ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପୋଲିସ କହିଛି। ପ୍ରକାଶ ଯେ, ଗତ ୩ ତାରିଖରେ ଶିଶିର କୌଣସି କାମରେ କନିଷି ଯାଇ ଫେରୁଥିବା ବେଳେ ହଳଦିଆପଦରର ଏକ ହୋଟେଲ ସମ୍ମୁଖରେ ୪ ଯୁବକ ତାଙ୍କୁ ଅଟକାଇଥିଲେ। ସେମାନେ ଝଗଡା କରିବା ସହ ଶିଶିରଙ୍କୁ ସଂଘବଦ୍ଧ ଭାବେ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। । ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ।

### ଦୁଇ ଚୋରି ବାଇକ ଜବତ, ୨ ଗିରଫ

ବ୍ରହ୍ମପୁର ଅଫିସ,୮।୭: ବଡବଜାର ଥାନା ପୋଲିସ ଦୁଇ ଚୋରି ବାଇକ୍ ଜବତ କରିବା ସହ ୨ ଲୁଟେରାଙ୍କୁ ଗିରଫ କରିଛି। ସେମାନେ ହେଲେ ସାଗର ପଣିଗ୍ରାହୀ ଓ ପିଣ୍ଟୁ ସେଠୀ। ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ପ୍ରେମନଗରରେ ରହୁଥିବା ରବିନାରାୟଣ ପାଢ଼ୀଙ୍କ ବାଇକ (ଓଡ଼ି୦୭ଏସ-୨୯୧୧) ତାଙ୍କ ଘର ସମ୍ମୁଖରୁ ଚୋରି ହୋଇଥିଲା। ସେ ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସିସିଟିଭି ଫୁଟେଜ ଦେଖି ଦୁଇ ଅଭିଯୁକ୍ତଙ୍କୁ ପୋଲିସ କାବୁ କରିଥିଲା। ଜେରା ପରେ ଲୁଟେରାଙ୍କ ଠାରୁ ଅନ୍ୟ ଏକ ଚୋରା ବାଇକ ମଧ ଜବତ ହୋଇଥିଲା। କିଛିଦିନ ତଳେ ଏମକେସିଜି ମେଡିକାଲ ପରିସରରୁ ସେମାନେ ଏହି ବାଇକ୍ ଚୋରି କରିଥିବା ସ୍ୱୀକାର କରିଥିଲେ।

### ଏନ୍ଏସ୍ଏସ୍ ପକ୍ଷରୁ ବନ ମହୋତ୍ସବ

ବ୍ରହ୍ମପୁର ଅଫିସ,୮।୭: ମହାମାୟୀ ମହିଳା ମହାବିଦ୍ୟାଳୟରେ ଶୁକ୍ରବାର ଜାତୀୟ ସେବା ଯୋଜନା ପକ୍ଷରୁ ବନମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଅଧକ୍ଷ ଡ଼.ଏସ.ନାରାୟଣ ରାଓ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଡ଼.ଲକ୍ଷ୍ମୀକାନ୍ତ ତ୍ରିପାଠୀ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳାଇ , ମହାବିଦ୍ୟାଳୟର ପୂର୍ବତନ ସଭାପତି ଡ଼.ବାପୁଜୀ ସାମଲ, ପ୍ରଶାସନିକ ଅଧିକାରୀ ଡ଼.ଶ୍ରୀଜା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ବନ ମହୋତ୍ସବ ଅବସରରେ ମହାବିଦ୍ୟାଳୟ ପରିସରରେ ଥିବା ଖାଲି ସ୍ଥାନରେ ଛାତ୍ରୀ ଓ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଚାରାରୋପଣ କରିଥିଲେ। ଅତିଥି ମାନେ ଛାତ୍ରୀଙ୍କୁ ବନ ମହୋତ୍ସବ ସପ୍ତାହର ମହତ୍ତ୍ୱ ବୁଝାଇବା ସହ ବୃକ୍ଷର ନିୟମିତ ଯତ୍ନ ନେବାକୁ କହିଥିଲେ। ମହାବିଦ୍ୟାଳୟ ଏନଏସଏସ ସଂଯୋଜିକା ଡ଼.ଦେବ ଦର୍ଶନୀ ସାହୁ , ଡ଼. ସମିତା ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସ୍ମାର୍ଟ ସ୍କୁଲରେ ତାଲା, ପ୍ରାଥମିକ ବିଦ୍ୟାଳୟରେ ପାଠପଢ଼ା

**ଲାଞ୍ଜିପଲ୍ଲୀ ସ୍ମାର୍ଟ ସ୍କୁଲ**

ବ୍ରହ୍ମପୁର ଅଫିସ,୮।୭


ପ୍ରାଥମିକ ବିଦ୍ୟାଳୟ ଗୃହରେ ପାଠପଢ଼ା।

ଗଞ୍ଜାମ ଜିଲାରେ ଛାତ୍ରୀଛାତ୍ରଙ୍କୁ ଉନ୍ନତ ପ୍ରଣାଳୀରେ ଶିକ୍ଷାଦାନ ପାଇଁ ଦ୍ୱିତୀୟ ପର୍ଯ୍ୟାୟରେ ୨୩୦ଟି ହାଇସ୍କୁଲକୁ ରୂପାନ୍ତରିତ କରାଯାଇଛି। ଗତ ଜୁନ ୩ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଭର୍ଚୁଆଲ ମାଧ୍ୟମରେ ଏସବୁ ସ୍ମାର୍ଟ ସ୍କୁଲର ଉଦଘାଟନ କରାଯାଇଥିଲା। ଏଥିମଧ୍ୟରେ ବ୍ରହ୍ମପୁରରେ ୭ଟି ହାଇସ୍କୁଲ ରହିଛି। ଏହାପୂର୍ବରୁ ଗତ ନଭେମ୍ବର ୧୬ ତାରିଖରେ ବ୍ରହ୍ମପୁରରେ ୪ଟି ସ୍ମାର୍ଟ ସ୍କୁଲ ଉଦଘାଟିତ ହୋଇଥିଲା। ତେବେ ସ୍ମାର୍ଟ ସ୍କୁଲ ଉଦଘାଟନ ପରେ ସେଠାରେ ପାଠ ପଢାଯାଉ ନ ଥିବା ଅଭିଯୋଗ ହେଉଛି। ବ୍ରହ୍ମପୁର ସହରର ଲାଞ୍ଜିପଲ୍ଲୀ ସରକାରୀ ପୌର ଉଚ୍ଚ ବିଦ୍ୟାଳୟରେ ଏଭଳି ଦେଖାଯାଇଛି। ଏହି ବିଦ୍ୟାଳୟଟି ସ୍ମାର୍ଟ ସ୍କୁଲରେ ରୂପାନ୍ତରିତ ହେବା ପରଠାରୁ ଦିନଟିଏ ବି ପାଠପଢା ହୋଇ ନ ଥିବା ବହୁ ଅଭିଭାବକ ଅଭିଯୋଗ କରିଛନ୍ତି।

ସ୍ମାର୍ଟ ସ୍କୁଲ ଉଦଘାଟନର ଦୀର୍ଘ ଦିନ ପରେ ସେଠାରେ ପାଠପଢା କରା ନଯିବା ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରାଥମିକ ବିଦ୍ୟାଳୟର ଏକ ଷ୍ଟୋର ରୁମରେ ବିଭିନ୍ନ ସାମଗ୍ରୀ ଥିବା ବେଳେ ଉକ୍ତ ସଂକୀର୍ଣ୍ଣ ଗୃହରେ ପାଠପଢା ହେଉଛି। ବର୍ତ୍ତମାନ ଏହି ଉଚ୍ଚ ବିଦ୍ୟାଳୟରେ ନବମ ଓ ଦଶମ ଶ୍ରେଣୀକୁ ମିଶାଇ ୪୦ ଜଣ ଅଧ୍ୟୟନରତ ଅଛନ୍ତି। କିନ୍ତୁ ସ୍ମାର୍ଟ ସ୍କୁଲରେ ରହିଥିବା କେତେକ ସମସ୍ୟା କାରଣରୁ ବର୍ତ୍ତମାନ ପ୍ରାଥମିକ ବିଦ୍ୟାଳୟରେ ପର୍ଯ୍ୟାୟକ୍ରମେ ପଢ଼ାଯାଉଥିବା ପ୍ରଧାନ ଶିକ୍ଷୟିତ୍ରୀ ଗୌରୀ ଦେବୀ କହିଛନ୍ତି। ଉକ୍ତ ପ୍ରାଥମିକ ବିଦ୍ୟାଳୟରେ ସକାଳ ସାଢ଼େ ୬ରୁ ସାଢ଼େ ୧୦ ଯାଏ ପ୍ରଥମରୁ ଅଷ୍ଟମ ଓ ସାଢ଼େ ୧୦ରୁ ୪ଟା ଯାଏ ନବମ ଓ ଦଶମ ଶ୍ରେଣୀ ପାଠ ପଢାଯାଉଥିବା ସେ କହିଛନ୍ତି। ଏଥିସହ ଛାତ୍ରୀଛାତ୍ରମାନେ ମଧ୍ୟାହ୍ନ ଭୋଜନ ନିମନ୍ତେ ସ୍ଥାନ ଅଭାବ କାରଣରୁ ବିଦ୍ୟାଳୟ ପରିସର ବାହାରେ ବସୁଛନ୍ତି। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ କହିଛନ୍ତି ଯେ, ସ୍ମାର୍ଟ ସ୍କୁଲରେ ଠିକ ଭାବେ ବିଦ୍ୟୁତ ସଂଯୋଗୀକରଣ ହୋଇନି। ସ୍କୁଲ ପରିସରରେ ରହିଥିବା ଏଲଇଡି ଟିଭି ଗୁଡିକ ଲାଗିବା ସମୟରେ ବିଦ୍ୟୁତ ଆଘାତ ଲାଗି ରହୁଛି। ଶୌଚାଳୟ ନିର୍ମାଣ ହୋଇଛି କିନ୍ତୁ ଡ୍ରେନ୍ ଅଚଳାବସ୍ଥା ମଧ୍ୟରେ ରହିଛି। ସ୍କୁଲରେ ରହିଥିବା ସମସ୍ୟା ଗୁଡିକୁ ନେଇ ବିଏମସି ଜେଇଇଙ୍କୁ ବାରମ୍ବାର ଅବଗତ କରାଯାଇଛି, କିନ୍ତୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। କିନ୍ତୁ ଆସନ୍ତା ସୋମବାରଠାରୁ ସ୍ମାର୍ଟ ସ୍କୁଲରେ ପାଠ ପଢା ହେବ ବୋଲି ସେ କହିଛନ୍ତି।

# ସନ୍ଧ୍ୟା ଦର୍ଶନ ନିମନ୍ତେ ଭକ୍ତଙ୍କ ଭିଡ଼


ସନ୍ଧ୍ୟା ଦର୍ଶନରେ ଶ୍ରୀଜଗନ୍ନାଥଙ୍କ ଶ୍ରୀରାମ ଅବତାର।

ଦଶପଲ୍ଲା, ୮।୭( ଡିଏନ ଏ

ଦଶପଲ୍ଲାସ୍ଥିତ ମାଉସୀ ମା' ମନ୍ଦିରରେ ଶୁକ୍ରବାର ସନ୍ଧ୍ୟା ଦର୍ଶନ ନିମନ୍ତେ ଭକ୍ତଙ୍କ ଭିଡ ହୋଇଥିଲା। ମହାପ୍ରଭୁ ଶ୍ରୀଜଗନ୍ନାଥ ଶ୍ରୀରାମ ଅବତାର ରୂପରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ପୂର୍ବାହ୍ନରେ ମନ୍ଦିରରେ ପରିସରରେ ମହାପ୍ରଭୁଙ୍କ ପୂଜାବିଧି କରାଯିବା ପରେ ଶ୍ରରାମ ଅବତାରରେ ସଜା ଯାଇଥିଲା। ଦୁଇବର୍ଷ ଧରି କରୋନା ଯୋଗୁ ଏହି ସନ୍ଧ୍ୟା ଦର୍ଶକ ବନ୍ଦ ଥିଲା ବେଳେ ଚଳିତବର୍ଷ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିଲା। ମନ୍ଦିର ପରିସରରେ ସ୍ୱପ୍ନେଶ୍ୱର, ମହାବୀର ମନ୍ଦିର କମିଟି ପକ୍ଷରୁ ଜଳ ଯୋଗାଣ କାର୍ଯ୍ୟକ୍ରମ କରାଯାଇଥିଲା।

# ସ୍ୱାସ୍ଥ୍ୟସେବାର ମାସିକ ସମୀକ୍ଷା ବୈଠକ


ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅନୁଷ୍ଠିତ ମାସିକ ସ୍ୱାସ୍ଥ୍ୟସେବାର ସମୀକ୍ଷା ବୈଠକରେ ଉପସ୍ଥି ଡାକ୍ତର ଓ ଅନ୍ୟମାନେ।

ନୟାଗଡ଼ ଅଫିସ, ୮।୭

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ମକରନ୍ଦ ବେଉରାଙ୍କ ଅଧ୍ୟକ୍ଷତାରେ ଜିଲାର ସ୍ୱାସ୍ଥ୍ୟସେବା ପ୍ରଗତି ଉପରେ ଏକ ମାସିକ ସମୀକ୍ଷା ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଦର ମହକୁମା ଏବଂ ୮ ଗୋଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟମାନଙ୍କୁ ନେଇ ଜିଲା ମୁଖ୍ୟ ଚିକିତ୍ସାଳୟ ସଭାଗୃହରେ (ଟ୍ରେନିଂ ୟୁନିଟ୍) ଅନୁଷ୍ଠିତ ହୋଇଥିଲା। ବୈଠକରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ କାର୍ଯ୍ୟର ରିପୋର୍ଟ ଏବଂ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଚଳିତ ମାସ ପାଇଁ ସ୍ୱାସ୍ଥ୍ୟ ଭିତ୍ତିକ କାର୍ଯ୍ୟଗୁଡ଼ିକ କିପରି ସୁପରିଚାଳନା ହୋଇପାରିବ ତାହା ସ୍ଥିର ହୋଇଥିଲା। ଉକ୍ତ କାର୍ଯ୍ୟଗୁଡ଼ିକୁ ବ୍ଲକସ୍ତରୀୟ ସ୍ୱାସ୍ଥ୍ୟ ଅଧିକାରୀମାନେ ଠିକ୍ ଭାବେ ସମ୍ପାଦନ କରିବା ନିମନ୍ତେ ମୁଖ୍ୟ ଚିକିତ୍ସା ଅଧିକାରୀ ବେଉରା ପରାମର୍ଶ ଦେଇଥିଲେ।

## ବାସନ୍ଦ ପରିବାର ଉପରେ ମିଥ୍ୟା ଆରୋପ, ଥାନାରେ ସମାଧାନ

ଗଞ୍ଜାମ,୮।୭(ଡି.ଏନ.ଏ.): ରମ୍ଭା ଥାନା ସନ୍ତୋଷପୁର ପଞ୍ଚାୟତ କାର୍ତ୍ତିକଡ଼ି ଗ୍ରାମରେ ପୂର୍ବତନ ସରପଞ୍ଚଙ୍କ ସମେତ ପାଞ୍ଚ ପରିବାରଙ୍କୁ ଗ୍ରାମରୁ ବାସନ୍ଦ କରାଯାଇଥିବା ନେଇ ଅଭିଯୋଗ ହୋଇଥିଲା। ବାସନ୍ଦ ୫ ପରିବାର ମଧ୍ୟରୁ ଆର ବିନୋଦ ରେଡ୍ଡୀ ପାଣି ଟାଙ୍କିରେ ବିଷ ପକାଇ ଦେଇଥିବା ଏବଂ ସେହି ପାଣି ପିଇ ଗ୍ରାମର କେତେଜଣଙ୍କୁ ଝାଡ଼ାବାନ୍ତି ହୋଇଥିବା ନେଇ ରମ୍ଭା ଥାନାରେ ଶୁକ୍ରବାର ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ରମ୍ଭା ଥାନାଧିକାରୀ ପି. ସ୍ୱରୂପ କିସାନ କାର୍ତ୍ତିକଡ଼ି ଗ୍ରାମକୁ ଯାଇ ତଦନ୍ତ କରିବା ସହ ବିନୋଦଙ୍କୁ ଥାନା ଆଣି ପଚରା ଉଚରା କରିଥିଲେ। ଗତ ରବିବାର ବିନୋଦ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘର ଦେଇ ଯାଇଥିବା ସିସି ଟିଭି ଫୁଟେଜରୁ ଦେଖି ଅଭିଯୋଗକାରୀ ପୋଲିସକୁ କହିଥିଲେ। ପୋଲିସର ତଦନ୍ତ ପରେ ସେମିତି କିଛି ନାହିଁ ଅନ୍ୟ କୌଣସି କାରଣରୁ ହୋଇଥାଇ ପାରେ ବୋଲି ଆଇଆଇସି କିସାନ ସୂଚନା ଦେଇଛନ୍ତି। ଯଦି ରବିବାର ଏହି ଘଟଣା ଘଟିଛି ତା'ହେଲେ ୫ ଦିନ ପରେ କାହିଁକି ମିଥ୍ୟା ଅଭିଯୋଗ କରୁଛ ବୋଲି ଅଭିଯୋଗକାରୀଙ୍କୁ ପୋଲିସ କହିଥିଲା। ଅନ୍ୟପଟେ ଗ୍ରାମରୁ ବାସନ୍ଦ କରିବା ପରେ ଗ୍ରାମର କେତେଜଣ ଅସାମାଜିକ ବ୍ୟକ୍ତି ଗ୍ରାମ ଭଦ୍ରବ୍ୟକ୍ତିଙ୍କୁ ଭୁଲ କଥା ପ୍ରବର୍ତ୍ତାଇ ବାସନ୍ଦ ପରିବାରଙ୍କ ଉପରେ ଏମିତି ମିଥ୍ୟା ଆରୋପ ଲଗାଇ ମାନସିକ ନିର୍ଯାତନା ଦେଉଥିବା ପୂର୍ବତନ ସରପଞ୍ଚ ଡି. ନିରଞ୍ଜନ ରେଡ୍ଡୀ ଗଣମାଧ୍ୟମକୁ କହିଛନ୍ତି।

# ଆଡ଼ପ ମଣ୍ଡପରେ ସନ୍ଧ୍ୟା ଦର୍ଶନ


ନୟାଗଡ଼ ମାଉସୀ ମା' ମନ୍ଦିରରେ ସନ୍ଧ୍ୟା ଦର୍ଶନ ଅବସରରେ ଭକ୍ତଙ୍କ ଗହଳି।

ନୟାଗଡ଼ ଅଫିସ,୮।୭

ରାତି ପାହିଲେ ଶ୍ରୀଜୀଉଙ୍କର ବାହୁଡା ଯାତ୍ରା। ଏଥିପାଇଁ ନୟାଗଡ଼ ଶ୍ରୀଜୀଉଙ୍କର ପ୍ରସ୍ତୁତି ଶେଷ ହୋଇଛି। ତେବେ ନବମୀ ତିଥିରେ ଆଡପଣ୍ଡପରେ ଚାଲିଛି ଚତୁର୍ଦ୍ଧା ମୂର୍ତ୍ତିଙ୍କର ସନ୍ଧ୍ୟା ଦର୍ଶନ ପାଇଁ ଭକ୍ତଙ୍କ ଗହଳି ଲାଗି ରହିଛି। ଭିଡକୁ ଆଖି ଆଗରେ ରଖି ପ୍ରଶାସନ ପକ୍ଷରୁ ସୁରକ୍ଷାକୁ କଡାକଡି କରାଯାଇଛି। ସନ୍ଧ୍ୟା ଦର୍ଶନ ପରେ ଚତୁର୍ଦ୍ଧା ମୂର୍ତ୍ତି ଜଗନ୍ନାଥ ମନ୍ଦିରକୁ ବାହୁଡିବା ପାଇଁ ସମସ୍ତ ନୀତିକାନ୍ତି ହେବ। ପରମ୍ପରା ଅନୁସାରେ ୩ ରଥକୁ ଅଧା ରାସ୍ତାରେ ରଖାଯାଇ ଏକାଦଶୀ ପର୍ବ ପାଳନ କରାଯିବ। ଏକାଦଶୀରେ ରଥରେ ଭକ୍ତମାନଙ୍କୁ ଶ୍ରୀଜୀଉ ସୁନା ବେଶରେ ଦର୍ଶନ ଦେବେ। ଏକାଦଶୀ ପରେ ରଥ ଟଣା ହେବ। ଚତୁର୍ଦ୍ଧା ମୂର୍ତ୍ତି ମନ୍ଦିରକୁ ଯିବେ। ମନ୍ଦିର ପ୍ରବେଶ ସମୟରେ ଲକ୍ଷ୍ମୀ ନାରାୟଣ ଭେଟ ହେବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

# ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ସେମିନାର

**ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ**

ବ୍ରହ୍ମପୁର ଅଫିସ,୮।୭

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ବୁଧବାର ଭାରତୀୟ ବୈଦେଶିକ ନୀତିର ପରିବର୍ତ୍ତିତ ଦିଗ ଶୀର୍ଷକ ସେମିନାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭାଗୀୟ ସଂଯୋଜକ ଡ଼.ଦାଶରଥୀ ଭୂୟାଁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାସ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ପିଜି କାଉନସିଲ ଅଧକ୍ଷ ପ୍ରଡ଼େସର ପ୍ରତାପ କୁମାର ମହାନ୍ତି, ପୂର୍ବତନ ବିଭାଗୀୟ ଛାତ୍ର ତଥା କୁଳପତି ପ୍ରଫେସର ଜୟନ୍ତ କୁମାର ମହାପାତ୍ର ଉପସ୍ଥିତ ଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ରାଜନୀତି ବିଜ୍ଞାନ ପ୍ରଫେସର ଅମୀୟ କୁମାର ପରିଚ୍ଛା ଉପସ୍ଥିତ ଥିଲେ। ମୁଖ୍ୟ ବକ୍ତା ଭାରତର ପଡ଼ୋଶୀ ଦେଶ ସହିତ ସମ୍ପର୍କ, ଭାରତ ଡ଼ାଇୟାସପୋରା, ଭାରତ ଆମେରିକା–ଋଷ, ଋଷ ୟୁକ୍ରେନ ଯୁଦ୍ଧ ପରିସ୍ଥିତିରେ ଭାରତର ଭୂମିକା ସମ୍ପର୍କରେ ଆଲୋକ ପାତ କରିଥିଲେ। ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ମହାପାତ୍ର ଶୀର୍ଷକ ସମ୍ପର୍କରେ ସାମ୍ୟକ ସୂଚନା ଦେଇଥିଲେ । ସୁନାବେଡ଼ା ମହିଳା ମହାବିଦ୍ୟାଳୟ ଅଧକ୍ଷା ଉଷାରାଣୀ ଦାସ, ପୂର୍ବତନ ପ୍ରଫେସର ବିଷ୍ଣୁ ଚରଣ ଚୌଧୁରୀ, ପ୍ରଫେସର ବୃନ୍ଦାବନ ନାହାକ, ଅନେକ ପୂର୍ବତନ ଛାତ୍ରୀଛାତ୍ର ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ବିଭାଗୀୟ ଅଧାପକ ଡ଼.ରାଜେଶ ସେଠ, ଡ଼.ସାରଦା ପ୍ରସନ୍ନ ରାଉତ , ପ୍ରଫେସର ସଂଜୟ ମେହର ଓ ଅଧାପିକା ବର୍ଷାରାଣୀ ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନାରେ ସହଯୋଗ କରିଥିଲେ। ଛାତ୍ର ଦୁର୍ଗାମାଧବ ପ୍ରଧାନ, ଜୟେନ୍ଦ୍ର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଶ୍ରେଣୀଗୃହ କୋଠା ଲାଗି ଭୂମିପୂଜା

**ମହାମାୟୀ ମହିଳା କଲେଜ**


ଉପସ୍ଥିତ କଲେଜ କର୍ତ୍ତୃପକ୍ଷ,ବିଏମ୍‌ସି ମେୟର ଓ ଯନ୍ତ୍ରୀ।

ବ୍ରହ୍ମପୁର ଅଫିସ,୮।୭

ଗାନ୍ଧୀନଗରସ୍ଥିତ ମହାମାୟୀ ମହିଳା ମହାବିଦ୍ୟାଳୟରେ ନୂତନ ଶ୍ରେଣୀଗୃହ କୋଠା ନିର୍ମାଣ ଲାଗି ଭୂମିପୂଜନ ହୋଇଛି। ଏଥିଲାଗି ମହାବିଦ୍ୟାଳୟର ଅଧକ୍ଷ ଡ଼.ଏସ ନାରାୟଣ ରାଓଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରରେ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳାଇ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ତ୍ରିପାଠୀ ଉପସ୍ଥିତ ଥିଲେ। ପୂର୍ବରୁ ମହାବିଦ୍ୟାଳୟର କ୍ୟାଣ୍ଟିନ ଥିବା ସ୍ଥାନରେ ଏହି କୋଠା ନିର୍ମାଣ କରାଯିବାକୁ ସ୍ଥିର ହୋଇଛି। ଏଥି ନିମନ୍ତେ ମୋଟ ୨୧ଲକ୍ଷ ୯ହଜାର ଟଙ୍କା ମଞ୍ଜୁର ହୋଇଛି। ନୂତନ ଶ୍ରେଣୀଗୃହ କୋଠା ନିର୍ମାଣ ପାଇଁ ଉଚ୍ଚଶିକ୍ଷାବିଭାଗ ପକ୍ଷରୁ ୧୫ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିବା ବେଳେ ମହାବିଦ୍ୟାଳୟର ନିଜସ୍ୱ ଫଣ୍ଡରୁ ୬ଲକ୍ଷ ୯ହଜାର ଟଙ୍କା ମଞ୍ଜୁର ହୋଇଥିବା ଅଧକ୍ଷ ଡ଼.ରାଓ ସୂଚନା ଦେଇଛନ୍ତି।

## ବଜ୍ରପାତରେ ୧୦ ମହିଳା ଆହତ

ଛତ୍ରପୁର,୮।୭(ଡି.ଏନ.ଏ.)

ଛତ୍ରପୁର ବ୍ଲକ ପୋଟଲାମପୁର ପଞ୍ଚାୟତର ଗଙ୍ଗାପୁର–୧ କମା ସାହିରେ ଶୁକ୍ରବାର ବଜ୍ରପାତରେ ୧୦ରୁ ଊର୍ଦ୍ଧ୍ୱ ମହିଳା ଆହତ ହୋଇଛନ୍ତି। ସେମାନେ ହେଲେ ସୁକୁମା ନାହାକ, ମଞ୍ଜୁଳା ନାହାକ, ହେମ ନାହାକ, ଲିଲି ନାହାକ, ପ୍ରବାସୀ ନାହାକ, କୁନି ଖୁିଆ, କୌତୁକି ପଲାଇ ଓ ସଞ୍ଜୁ ମହାରଣା ପ୍ରମୁଖ। ଅପରାହ୍ନରେ ବ୍ଲକ ଅଞ୍ଚଳରେ କିଛି ସମୟ ପାଇଁ ବର୍ଷା ଓ ଘଡ଼ଘଡ଼ି ହୋଇଥିଲା। ଗଙ୍ଗାପୁର କମା ସାହିର ଏହି ମହିଳାମାନେ ଘରେ ବିଶ୍ରାମ ନେଉଥିବା ବେଳେ ବଜ୍ରପାତ ହେବାରୁ ଆହତ ହୋଇ ମୁନିସପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ବର୍ତ୍ତମାନ ସେମାନଙ୍କ ଅବସ୍ଥା ସ୍ଥିର ରହିଥିବା ଜଣାପଡିଛି।

# ଏମ୍‌କେସିଜିରେ ଅଚଳ ସାମଗ୍ରୀ ସଜାଡ଼ିଲେ ଆଇଟିଆଇ ଛାତ୍ର


ଆଇଟିଆଇର ୨୦ ଜଣିଆ ଟିମ ।

ବ୍ରହ୍ମପୁର ଅଫିସ,୮।୭

ବ୍ରହ୍ମପୁର ଶିଳ୍ପ ତାଲିମ ବୈଷୟିକ ଅନୁଷ୍ଠାନ (ଆଇଟିଆଇ) ପକ୍ଷରୁ ଏକ ୨୦ ଜଣିଆ ଟିମ ଶୁକ୍ରବାର ଏମକେସିଜି ମେଡିକାଲ କାଜୁଆଲଟିରେ ରହିଥିବା ବିଭିନ୍ନ ଅତ୍ୟାବଶ୍ୟକୀୟ ଭଙ୍ଗା ସାମଗ୍ରୀଙ୍କୁ ମରାମତି କରିଛନ୍ତି। ଶିକ୍ଷାନୁଷ୍ଠାନର ଇଲେକ୍ଟ୍ରିସିଆନ, ୱେଲଡର ବିଭାଗର ୫ ଶିକ୍ଷକଙ୍କ ତତ୍ତ୍ୱାବଧାନରେ ଛାତ୍ରମାନେ ମେଡିକାଲରେ ବହୁ ଅଚଳ ସାମଗ୍ରୀ ଓ ରୋଗୀ ବୁହା ସାଇକେଲ ଗୁଡିକୁ ମରାମତି କରିଥିଲେ। ଛାତ୍ରମାନଙ୍କୁ ପ୍ରଥମ ଥର ପାଇଁ ଶିକ୍ଷାନୁଷ୍ଠାନ ବାହାରେ ଏଭଳି କାର୍ଯ୍ୟ କରିବା ପାଇଁ ସୁଯୋଗ ଦିଆଯାଇଥିବା ଶିକ୍ଷାନୁଷ୍ଠାନ ଅଧକ୍ଷ ଡ.ରଜତ କୁମାର ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଆଗାମୀ ଦିନରେ ସେମାନେ ଜିଲା ସଦର ମହକୁମା ଛତ୍ରପୁର ହସ୍ପିଟାଲରେ ଅଚଳ ପଡିଥିବା ସାମଗ୍ରୀ ମରାମତି କରିବେ ବୋଲି ଅଧକ୍ଷ କହିଛନ୍ତି। ଆଇଟିଆଇ ଛାତ୍ରଙ୍କ ଦ୍ୱାରା ହୋଇଥିବା ମରାମତି କାର୍ଯ୍ୟକୁ ଏମକେସିଜି ସୁପରିଣ୍ଟେଣ୍ଡେଣ୍ଟ୍ ସନ୍ତୋଷ କୁମାର ମିଶ୍ର ପ୍ରଶଂସା କରିଛନ୍ତି। ଏହା ସେମାନଙ୍କ ଦକ୍ଷତା ବିକାଶରେ ସହାୟକ ହେବ ବୋଲି କହିଛନ୍ତି।

# ଆନ୍ତର୍ଜାତିକ ମାନବାଧିକାର ପରିଷଦ ବୈଠକ

ବ୍ରହ୍ମପୁର ଅଫିସ୍,୮।୭


ବୈଠକରେ ଉପସ୍ଥିତ ସଂଘର ସଦସ୍ୟବୃନ୍ଦ।

ଗଞ୍ଜାମ ଜିଲା ମାନବାଧିକାର ପରିଷଦ ପକ୍ଷରୁ ଶୁକ୍ରବାର ଉତ୍କଳ ଆଶ୍ରମ ସଭା ଗୃହଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ସଭାପତି ସାଇ ପ୍ରସାଦ ପରିଡା ସଭାପତିତ୍ୱ କରିଥିଲେ। ଏହି ଅବସରରରେ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଂଘର ବ୍ରହ୍ମପୁର ମହାନଗର ସଭାପତି ରୂପେ ନୀଳାଞ୍ଚଳ ସାହୁ, ଜିଲା ଯୁଗ୍ମସମ୍ପାଦକ ବି. ସତ୍ୟନାରାୟଣ ପାତ୍ର, ପୋଲିସ ବିଭାଗ ମଙ୍ଗଳ ଅଧିକାରୀ ରୂପେ ଭି. ବିରଞ୍ଚି ନାରାୟଣଙ୍କୁ ଚୟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଂଘର ଜିଲା ଉପ ସଭାପତି ଜି. ପ୍ରକାଶ ପାତ୍ର, ଯୁବ ସଭାପତି ନୀଳାଞ୍ଚଳ ସେଠୀ, ଯୁଗ୍ମ ସମ୍ପାଦକ କିରଣ କୁମାର ସାହୁ, ଯୁବ ସମ୍ପାଦକ ପ୍ରକାଶ ସାହୁ, ମହିଳା ବିଭାଗ ସମ୍ପାଦିକା ସୁଲୋଚନା ବେବର୍ତ୍ତା, ଯୁଗ୍ମସମ୍ପାଦିକା ରୁନା ପାଣିଗ୍ରାହୀ, ସମାଜସେବୀ ଦୀପ୍ତିମୟୀ ସେନ ପ୍ରମୁଖ ଉପସ୍ଥିତ ରହି ଆଗାମୀ ଦିନରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ।

# ପ୍ରସ୍ତାବିତ ସ୍ମାର୍ଟ ସ୍କୁଲର ସ୍ଥିତି ପରଖିଲା ପ୍ରଶାସନ

ଦାରିଙ୍ଗବାଡ଼ି,୮।୭(ଡି.ଏନ.ଏ)


ସିମନବାଡ଼ି ବିଦ୍ୟାଳୟରେ ପ୍ରଶାସକଙ୍କୁ ଛାତ୍ରୀଛାତ୍ରମାନେ ସ୍ୱାଗତ ସମ୍ବର୍ଦ୍ଧନା ଦେଉଛନ୍ତି।

ଦାରିଙ୍ଗବାଡ଼ି ବ୍ଲକ ସିମନବାଡ଼ି ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ସ୍ମାର୍ଟ ବିଦ୍ୟାଳୟ ଭାବେ ରୂପାନ୍ତରିତ କରାଯିବା ପାଇଁ ସ୍ଥାନୀୟ ପ୍ରଶାସନ ସରକାରଙ୍କ ନିକଟରେ ପ୍ରସ୍ତାବ ରଖିଛି। ଏହାର ଭିତ୍ତିଭୂମି ଏବଂ ରୂପାନ୍ତରଣ ପାଇଁ କ'ଣ ସବୁ ପଦକ୍ଷେପ ନିଆଯିବା ଆବଶ୍ୟକ ରହିଛି ସେ ନେଇ ସ୍ଥାନୀୟ ବ୍ଲକ ଅଧକ୍ଷ ସୁଶାନ୍ତ କୁମାର ପ୍ରଧାନଙ୍କ ସମେତ ବିଡିଓ ଗଦାଧର ପାତ୍ର, ତହସିଲଦାର ଚାର୍ଲସ ନାୟକ ଏବଂ ବିଇଓ ରସାନନ୍ଦ କର ପ୍ରମୁଖ ବିଦ୍ୟାଳୟରେ ପହଞ୍ଚି ସ୍ଥିତି ପରଖିଛନ୍ତି। ବୁଧବାର ମଧ୍ୟାହ୍ନରେ ପ୍ରଶାସନ ବିଦ୍ୟାଳୟରେ ପହଞ୍ଚିଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଦେଶୀ ନାୟକ, ସହକାରୀ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଛାତ୍ରୀଛାତ୍ରମାନେ ପ୍ରଶାସନକୁ ସ୍ୱାଗତ କରିଥିଲେ। ଏହି ସମୟରେ ସ୍ଥାନୀୟ ସରପଞ୍ଚ ଅମିତା ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପରମେ ପ୍ରଧାନ, ନାଏବ ସରପଞ୍ଚ ଏସ୍.ସୁନୀଲ କୁମାର ସୁବୁଦ୍ଧି, ସିଆର୍‌ସିସି ବନ୍ଧୁରାଜ ଉଠାଣ ସିଂ, ଶ୍ରାନିକେତା ସରପଞ୍ଚ ଗଙ୍ଗାଧର ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଅବସରରେ ଏକ ବୈଠକରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଦେଶୀ ନାୟକ ସମସ୍ତ ପ୍ରଶାସକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିବା ସହ ବିଦ୍ୟାଳୟ ପରିସରରେ ଚାରାରୋପଣର ଆୟୋଜନ କରିଥିଲେ। ସେହିପରି ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ବିଇଓ ରସାନନ୍ଦ କର ଏବଂ ତହସିଲଦାର, ବିଡିଓ ବିଭିନ୍ନ ପାଠ୍ୟ ସମ୍ପର୍କିତ ପ୍ରଶ୍ନ ପଚାରିବା ସହ ସେମାନଙ୍କ ମଧ୍ୟାହ୍ନ ଭୋଜନ, ବିଦ୍ୟାଳୟରେ କିଭଳି ଶିକ୍ଷାଦାନ ଚାଲିଛି ସେ ନେଇ ପିଲାଙ୍କଠାରୁ ପଚାରି ବୁଝିଥିଲେ। ସେହିପରି ବିଦ୍ୟାଳୟ ଜମିର ପଟ୍ଟାକୁ ତହସିଲଦାର ପ୍ରଧାନ ଶିକ୍ଷକଙ୍କୁ ପ୍ରଦାନ କରିଛନ୍ତି। ପ୍ରକାଶ ଯେ, ଉକ୍ତ ବିଦ୍ୟାଳୟ ସମେତ ବ୍ଲକର ଏକାଧିକ ବିଦ୍ୟାଳୟକୁ ରୂପାନ୍ତରଣ କରି ସ୍ମାର୍ଟସ୍କୁଲ କରାଯିବା ପାଇଁ ପ୍ରସ୍ତାବ ରହିଛି, ହେଲେ ଏଯାବତ ତାହା ଅନୁମୋଦନ ହୋଇ ନ ଥିବା ଦାରିଙ୍ଗବାଡ଼ି ପଞ୍ଚାୟତ ସମିତିର ସହକାରୀ ନିର୍ବାହୀ ଯନ୍ତ୍ରୀ ଶିଶିର ପାତ୍ର କହିଛନ୍ତି।

